## ସଂକ୍ଷେପରେ

### ବେଆଇନ ବିଦ୍ୟୁତ୍ ତାର ବିଛାଇବା ଘଟଣା: ଜଣେ କୋର୍ଟଚାଲାଣ

**ଗୋପାଳପୁର,୧୫।୩:** ଗତ ୧୧ ତାରିଖରେ ରଙ୍ଗେଇଲୁଣ୍ଡା ବ୍ଲକ ଇନ୍ଦ୍ରାକ୍ଷୀ ଓ ନାକାରାମ ଗ୍ରାମ ମଧଭାଗରେ ଥିବା ଚାଷଜମି ଚତୁଃପାର୍ଶ୍ୱରେ ବେଆଇନ ଭାବେ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୋଟିଏ ଗାଈର ମୃତ୍ୟୁ ଘଟିଥିଲା। ସାଉଥ୍‌କୋ ବିଭାଗର କନିଷ୍ଠ ଯନ୍ତ୍ରୀ ରଞ୍ଜିତରାଜ ସାହୁଙ୍କ ଏତଲା କ୍ରମେ ଗୋଳନ୍ଥରା ପୋଲିସ ନଂ. ୭୬/୨୦ରେ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗୋଳନ୍ଥରା ପୋଲିସ ରବିବାର ଅପରାହ୍ନରେ କୋର୍ଟଚାଲାଣ କରିଛି। ସେ ହେଲେ ଇନ୍ଦ୍ରାକ୍ଷୀ ଗ୍ରାମର ନଟବର ସାହୁ। ସୂଚନାଥାଉକି, ନଟବର ବୋଇତାଳୁ, ମୁଗ ଚାଷ କରିଥିଲେ। ଉକ୍ତ ଜମିକୁ ବନ୍ୟଜନ୍ତୁ ଯେପରି ପ୍ରବେଶ ନ କରିବେ, ସେନେଇ ଜମି ଚତୁଃପାର୍ଶ୍ୱରେ ସେ ବେଆଇନ ଭାବେ ବିଦ୍ୟୁତ୍ ତାର ବିଛାଇଥିଲେ। ଗିରଫ ଭୟରେ ଘଟଣା ପରଠାରୁ ନଟବର ଫେରାର ହୋଇଯାଇଥିଲେ। ରବିବାର ଇନ୍ଦ୍ରାକ୍ଷୀରେ ନଟବର ଥିବା ଖବର ପାଇ ଗୋଳନ୍ଥରା ଥାନାଧିକାରୀ ବାବୁଲି ନାୟକଙ୍କ ନେତୃତ୍ୱରେ ଗିରଫ କରାଯାଇଥିଲା।

### ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

**ଦିଗପହଣ୍ଡି, ୧୫।୩ (ଡି.ଏନ.ଏ.):** ଦିଗପହଣ୍ଡି ଥାନା ଅଞ୍ଚଳର ମାଟ୍ରିକ ପରୀକ୍ଷା ଦେଇଥିବା ଛାତ୍ରୀଙ୍କୁ ଗ୍ରାମର ଜଣେ ଯୁବକ ଅପହରଣ କରିଥିବା ଅଭିଯୋଗ ହୋଇଛି। ଛାତ୍ରୀଙ୍କ ବାପାଙ୍କ ଏତଲା କ୍ରମେ ଦିଗପହଣ୍ଡି ଆଇଆଇସି ବସନ୍ତ କୁମାର ସେଠୀ ନଂ.୫୨/୨୦ରେ ମାମଲା ରୁଜୁ କରିଛନ୍ତି। ଛାତ୍ରୀଙ୍କ ମା' ବାପାଘରେ ନ ଥିବାର ସୁଯୋଗ ନେଇ ପୂର୍ବ ଯୋଜନା ପ୍ରକାରେ ଅଭିଯୁକ୍ତ ଜଣକ ବିଭିନ୍ନ ପ୍ରକାର ମିଥ୍ୟା ପ୍ରଲୋଭନ ଦେଖାଇ ତାଙ୍କୁ ଅପହରଣ କରି ନେଇଥିବା ଏତଲାରେ ଉଲ୍ଲେଖ ରହିଛି। ଅପହୃତା ଛାତ୍ରୀଙ୍କୁ ଉଦ୍ଧାର ପାଇଁ ପୋଲିସ ବିଭିନ୍ନ ସନ୍ଦିଗ୍ଧ ଅଞ୍ଚଳରେ ଚଢାଉ କରିଥିଲେ ମଧ ସେମାନଙ୍କ ସମ୍ପର୍କରେ କୌଣସି ସୂଚନା ମିଳିପାରି ନ ଥିବା ତଦନ୍ତକାରୀ ପୋଲିସ ଅଧିକାରୀ ମାଧବ ଚନ୍ଦ୍ର ଟାକରୀ କହିଛନ୍ତି।

### ଅବସରପ୍ରାପ୍ତ ଯବାନଙ୍କ ମୃତ୍ୟୁ

**ଗୋପାଳପୁର,୧୫।୩:** ଗୋପାଳପୁର ଥାନା ଗୋଲାବନ୍ଧସ୍ଥିତ ଆର୍ମି ଏଡି କଲେଜର ଅବସରପ୍ରାପ୍ତ ଯବାନଙ୍କ ରବିବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ କେରଳର ବିନୟ୍ ଟିଏଲ(୪୪)। ଗୋଲାବନ୍ଧସ୍ଥିତ ଆର୍ମି ଏଡି କଲେଜରେ ବିନୟ୍ ନାଏବ ସୁବେଦାର ଭାବେ ଗତ ୨ ବର୍ଷ ହେଲା କାର୍ଯ୍ୟରତ ଥିଲେ। ଗତ ୨ ମାସ ହେଲା ବିନୟ୍ କାର୍ଯ୍ୟରୁ ଅବସର ନେଇଥିଲେ। ଶନିବାର ରାତିରେ ପରିବାର ସହିତ ଖାଇ ପିଇ ସେ ଶୋଇଥିଲେ। ରବିବାର ଭୋର ୩ଟାରେ ହଠାତ୍ ବିନୟ୍ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ତୁରନ୍ତ ଆର୍ମି ଏଡି କଲେଜ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ଅପରାହ୍ନରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏ ନେଇ ପୋଲିସ ନଂ. ୭/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ହୃଦ୍‌ଘାତରେ ଯବାନଙ୍କ ମୃତ୍ୟୁ ହୋଇଥିବା ପୋଲିସର ପ୍ରାଥମିକ ତଦନ୍ତରୁ ସୂଚନା ମିଳିଛି।

### କାମଳ ରୋଗରେ ଯୁବକ ମୃତ

**ପାତ୍ରପୁର,୧୫।୩(ଡି.ଏନ୍.ଏ.):** କାମଳ ରୋଗରେ ଆକ୍ରାନ୍ତ ଥିବା ପାତ୍ରପୁର ବ୍ଲକ ଗୁଣ୍ଡୁରା ଗ୍ରାମରେ ଜଣେ ଯୁବକଙ୍କ ଶନିବାର ରାତିରେ ମୃତ୍ୟୁ ଘଟିଛି। ସେ ହେଲେ ବାଗାତି ପ୍ରଶାନ୍ତ(୨୧)। ପ୍ରଶାନ୍ତ ବ୍ରହ୍ମପୁରର ଏକ ଘରୋଇ ଶିକ୍ଷାକେନ୍ଦ୍ରରେ ବିଟେକ୍ କରି ପ୍ରଥମେ ପୁଣେ ପରେ ମାଙ୍ଗାଲୋରରେ ଏକ କମ୍ପାନୀରେ କାର୍ଯ୍ୟ କରିବା ସମୟରେ କାମଳ ରୋଗରେ ଆକ୍ରାନ୍ତ ହୋଇଥିଲେ। ସେଠାକାର ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଗତ ୧୦ ଦିନ ତଳେ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ରବିବାର ଭୋରରେ ମୃତଦେହ ଗ୍ରାମକୁ ଅଣି ସତ୍କାର କରାଯାଇଛି।

# ପିଏମ୍‌ଜିଏସ୍‌ୱାଇ-୩ରେ ୧୨୬ ପ୍ରକଳ୍ପ ଅନୁମୋଦିତ

**ଫୁଲବାଣୀ ଅଫିସ, ୧୫।୩**



ବୈଠକରେ ଉପସ୍ଥିତ ବିଧାୟକ, ଜିଲାପାଳ ଏବଂ ଅନ୍ୟମାନେ।

କନ୍ଧମାଳ ଜିଲା ପରିଷଦ ସ୍ୱତନ୍ତ୍ର ଅଧିବେଶନ ରବିବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ)-୩ ସମ୍ପର୍କରେ ଆଲୋଚନା ହୋଇଥିଲା । ଅନୁଦାନ ଆସିବା ପୂର୍ବରୁ ଏହି ସ୍ୱତନ୍ତ୍ର ଅଧିବେଶନର ଆବଶ୍ୟକତା ରହିଛି ବୋଲି ଜିଲା ପରିଷଦ ଅଧକ୍ଷା ଆକାଂକ୍ଷା ପ୍ରଧାନ ପ୍ରକାଶ କରିଥିଲେ । ନିମ୍ନମାନର କାର୍ଯ୍ୟ ଉପରେ ଥିବା ଅଭିଯୋଗ ଗୁଡ଼ିକର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ।

୨୦୧୧ ଜନଗଣନା ଭିତ୍ତିରେ ୧୦୦ରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଗ୍ରାମକୁ ଗ୍ରାମ୍ୟ ମୁଖ୍ୟ ରାସ୍ତା, ଗ୍ରାମାଞ୍ଚଳ ଭିତ୍ତିଭୂମି ସୁଦୃଢ଼ ପାଇଁ ଉଦ୍ଦିଷ୍ଟ ସଂସ୍ଥା ବା ଅନୁଷ୍ଠାନକୁ ରାସ୍ତା, ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ରାସ୍ତାଗୁଡ଼ିକର ଉନ୍ନତୀକରଣ ଏବଂ ସଂପ୍ରସାରଣ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା-୩ ଉଦ୍ଦିଷ୍ଟ । ଏମ୍‌ଡିଆର୍, ରାଜ୍ୟ ରାଜପଥ କିମ୍ବା ଜାତୀୟ ରାଜପଥ ଏହି ଯୋଜନାରେ ଅନ୍ତର୍ଭୁକ୍ତ ପାଇଁ ଯୋଗ୍ୟ ନୁହନ୍ତି। ଆଗରୁ ନିର୍ମାଣ କରାଯାଇଥିବା ଗ୍ରାମ୍ୟ ମୁଖ୍ୟରାସ୍ତାର ସମ୍ପ୍ରସାରଣ ଏବଂ ଉନ୍ନତୀକରଣ ହୋଇଛି। ଅସଂଯୋଜିତ ଅନୁଷ୍ଠାନ ଯଥା ମୁଖ୍ୟବଜାର, ପେଟ୍ରୋଲ ପମ୍ପ, ବ୍ୟାଙ୍କ, ବସ୍‌ଷ୍ଟାଣ୍ଡ, ବ୍ଲକ ଏବଂ ପଂଚାୟତ କାର୍ଯ୍ୟାଳୟ ଇତ୍ୟାଦିକୁ ସଂଯୋଗ କରିବା ପାଇଁ ଆବଶ୍ୟକ ପଡୁଥିବା ରାସ୍ତାକୁ ନୂତନ ଭାବେ ନିର୍ମାଣ କରିବା ପାଇଁ ଏଥିରେ ବ୍ୟବସ୍ଥା ରହିଛି। ମୋଟ ୧୨୬ଟି ପ୍ରକଳ୍ପ ଆଲୋଚନା ମାଧ୍ୟମରେ ଅନୁମୋଦିତ ହୋଇଥିଲା। ଏହାପରେ ରାଜ୍ୟ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶକ୍ରମେ କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ଏବଂ ସେଥିପାଇଁ ଆବଶ୍ୟକ ସଚେତନତା କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ଗୃହରେ ଆଲୋଚନା କରାଯାଇଥିଲା। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବସନ୍ତ କୁମାର ପାତ୍ର ପାୱାର ପଏଣ୍ଟ ମାଧ୍ୟମରେ କରୋନା ଭୂତାଣୁର ଉତ୍ପତ୍ତି, ଏହି ଭୂତାଣୁ ସଂକ୍ରମଣର ପ୍ରାଦୁର୍ଭାବ, ସଂକ୍ରମଣରୁ ସୁରକ୍ଷିତ ରଖିବାର ଉପାୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟ ରାଜ୍ୟରୁ ଫେରିଥିବା ବ୍ୟକ୍ତିବିଶେଷ ଆକ୍ରାନ୍ତ ହୋଇଥାନ୍ତୁ ବା ନ ହୁଅନ୍ତୁ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଆଣିବା ଆବଶ୍ୟକ ବୋଲି ଜିଲାପାଳ ଡା. ବୃନ୍ଦା ଡି. କହିଥିଲେ। ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ଜିଲା ପରିଷଦର ଉପାଧକ୍ଷା ସାରତୀ ମଲ୍ଲିକ, ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ । ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱନାଥ ବାରିକ ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ଧନ୍ୟବାଦ ଅର୍ପଣ କରିଥିଲେ।

### ଶିକ୍ଷୟିତ୍ରୀଙ୍କୁ ଟଙ୍କା ମାଗିବା, ଗାଳିଗୁଲଜ ଭିଡିଓ ଭାଇରାଲ

**ଗୋପାଳପୁର,୧୫।୩:** ଶିକ୍ଷୟିତ୍ରୀଙ୍କୁ ଟଙ୍କା ମାଗିବା ଓ ଗାଳିଗୁଲଜ କରିବା ସହ ଭିଡିଓ ଭାଇରାଲ କରିଥିବା ନେଇ ଶନିବାର ରାତିରେ ଗୋପାଳପୁର ଥାନାରେ ଅଭିଯୋଗ ହୋଇଛି। ଗୋପାଳପୁର ଥାନା ବିଜ୍ଞାପିତ ଅଞ୍ଚଳର ସିରିଡ଼ି ସାହିର ଏସ.ଆପଲାମ୍ମା (୫୭)ଙ୍କ ଏତଲା କ୍ରମେ ପୋଲିସ ନଂ. ୩୨/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଆଇଆରଇ ନିକଟରେ ଥିବା ଏକ ବିଦ୍ୟାଳୟରେ ଆପଲାମ୍ମା ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି। ଶୁକ୍ରବାର ଅପରାହ୍ନରେ ସେ ନିଜ କାର୍‌ରେ ଘରକୁ ଫେରୁଥିବା ବେଳେ ନାରାୟଣପୁର ଛକ ନିକଟରେ ଦୁଇଜଣ ଯୁବକ ତାଙ୍କ ଗାଡ଼ିକୁ ଅଟକାଇ ଟଙ୍କା ମାଗିବା ସହ ଗାଳିଗୁଲଜ ଓ ଧମକଚମକ ଦେଇଥିଲେ। ଏହି ସମୟରେ ଜଣେ ଯୁବକ ଉକ୍ତ ଘଟଣାର ଭିଡିଓ ରେକର୍ଡିଂ କରି ଭାଇରାଲ କରାଇଥିଲେ। ଶିକ୍ଷୟିତ୍ରୀ ଏହା ଜାଣିବା ପରେ ଶନିବାର ମଧ୍ୟରାତ୍ରିରେ ଥାନାରେ ଅଭିଯୋଗ କରିଥିଲେ।

# ନୃସିଂହାନନ୍ଦଙ୍କୁ କବି ବୈଷ୍ଣବ ପାଣି ସ୍ମୃତି ସମ୍ମାନ

**ଫୁଲବାଣୀ ଅଫିସ, ୧୫।୩**



ନୃସିଂହାନନ୍ଦ ମହାପାତ୍ରଙ୍କୁ ମାନପତ୍ର ଦିଆଯାଉଛି।

କନ୍ଧମାଳ ଜିଲାର ଶିକ୍ଷାବିତ୍ ତଥା ଯୁବ ସାରସ୍ୱତ ସାଧକ ନୃସିଂହାନନ୍ଦ ମହାପାତ୍ରଙ୍କୁ ନିଶିଗନ୍ଧା ସାହିତ୍ୟ ସଂସଦ ପକ୍ଷରୁ କବି ବୈଷ୍ଣବ ପାଣି ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି । ଭୁବନେଶ୍ୱର ଜୟଦେବ ଭବନରେ ଅନୁଷ୍ଠିତ ନିଶିଗନ୍ଧା ସାହିତ୍ୟ ସଂସଦର ସାମ୍ବତ୍ସରିକ ବସନ୍ତ ଉତ୍ସବରେ ଅତିଥି ଭାବେ ପୂର୍ବତନ ଏମ୍ପି ପ୍ରସନ୍ନ ପାଟ୍ଟଶାଣୀ, ଡ.ହୁସେନ ରବି ଗାନ୍ଧୀ, ବଳରାମ ତରାଇ, ଡ. ଲକ୍ଷ୍ମଣ ସାହୁ, ପଦ୍ମଶ୍ରୀ ରମାକାନ୍ତ ରଥ, ଜଟଣୀ ବିଧାୟକ ସୁର ରାଉତରାୟ, ରାଜ୍ୟପାଳଙ୍କ ଲୋକ ସମ୍ପର୍କ ଅଧିକାରୀ ରକ୍ଷକ ନାୟକ, କବି ଶଙ୍କର୍ଷଣ ପରିଡା ପ୍ରମୁଖ ଯୋଗଦେଇ ମାନପତ୍ର ଏବଂ ଉପଢ଼ୌକନ ଦେଇ ନୃସିଂହାନନ୍ଦଙ୍କୁ ସମ୍ମାନିତ କରିଥିଲେ। ନୃସିଂହାନନ୍ଦ ଏକାଧାରାରେ ଜଣେ ଶିକ୍ଷକ, ସାମାଜିକ କର୍ମୀ, କବି, ଲେଖକ ଭାବେ କନ୍ଧମାଳ ଜିଲାରେ ଜଣାଶୁଣା । ସେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ତାଙ୍କ ରଚିତ ଆଦର୍ଶ ଶିକ୍ଷା, ଭାରତର ସାଧୁସନ୍ଥଙ୍କ ବାଣୀ ପାଠକଙ୍କ ମହଲରେ ବେଶ୍ ଆଦୃତ ହୋଇଛି । ଏବେ ନୃସିଂହାନନ୍ଦ ସରକାରୀ ଆଇଟିଆଇରେ ଶିକ୍ଷକତା କରୁଛନ୍ତି।

### ବସ୍‌ଷ୍ଟାଣ୍ଡରୁ ନାବାଳିକାଙ୍କୁ ଅପହରଣ ଅଭିଯୋଗ

**୧୫ ଦିନ ପରେ ଏତଲା**

**ଦିଗପହଣ୍ଡି, ୧୫।୩ (ଡି.ଏନ.ଏ.):** ଦିଗପହଣ୍ଡି ବସ୍‌ଷ୍ଟାଣ୍ଡରୁ ୧୫ ଦିନ ପୂର୍ବେ ନାବାଳିକାଙ୍କୁ କୌଶଳକ୍ରମେ ଜଣେ ବ୍ୟକ୍ତି ଅପହରଣ କରି ନେଇଥିବା ରବିବାର ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ନାବାଳିକାଙ୍କ ବାପାଙ୍କ ଏତଲାକୁ ଭିତ୍ତି କରି ପୋଲିସ ନଂ. ୫୫/୨୦ରେ ମାମଲା ରୁଜୁ କରି ତଦନ୍ତ ଚାଲାଇଛି। ପ୍ରକାଶ ଯେ, ଗତ ଫେବୃୟାରୀ ୨୮ ତାରିଖରେ ସାନଖେମୁଣ୍ଡି ବ୍ଲକ ଅଞ୍ଚଳର ଦମ୍ପତି ତାଙ୍କ ନାବାଳିକା ଝିଅଙ୍କୁ ନେଇ ସୁନା ଅଳଙ୍କାର କିଣିବା ପାଇଁ ଦିଗପହଣ୍ଡି ଆସିଥିଲେ। ଅଳଙ୍କାର କିଣିବା ପରେ ବସ୍‌ଷ୍ଟାଣ୍ଡଠାରେ ବାଇକ୍ ରଖି ମା' ବାପା ସଉଦା କିଣିବା ପାଇଁ ଅନ୍ୟ ଏକ ଦୋକାନକୁ ଯାଇଥିଲେ। ଏହି ସମୟରେ ଝିଅକୁ ଅନ୍ୟ ଏକ ବାଇକରେ ବସାଇ ତାଙ୍କ ଘର ନିକଟ ଅନ୍ୟ ଏକ ଗାଁର ଜଣେ ବ୍ୟକ୍ତି ନେଇଯାଇଥିଲେ। ନାବାଳିକାଙ୍କ ବାପା ଗତ ୧୫ ଦିନ ହେଲା ବହୁ ଖୋଜାଖୋଜି କରିବା ପରେ ସନ୍ଧାନ ନ ମିଳିବାରୁ ଥାନାରେ ଏତଲା ଦେଇଥିବା ଆଇଆଇସି ବସନ୍ତ କୁମାର ସେଠୀ କହିଛନ୍ତି।

# ସୁବର୍ଣ୍ଣଗିରି ସିଏଚ୍‌ସିକୁ ଆସିଲା ଡେଲିଭରି ଭ୍ୟାନ୍




ଡେଲିଭେରି ଭ୍ୟାନ୍।

**ଫୁଲବାଣୀ ଅଫିସ, ୧୫।୩**

କୋଟଗଡ ବ୍ଲକର ଦୁର୍ଗମ ଅଞ୍ଚଳ ସୁବର୍ଣ୍ଣଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ଡ଼େଲିଭରି ଭ୍ୟାନ ପ୍ରଦାନ କରାଯାଇଛି । ଏହାକୁ ଜିଲାର ୩ ବିଧାୟକ ଉଦ୍‌ଘାଟନ କରିଥିଲେ। ଏହି ଭ୍ୟାନରେ ପିଲା ଜନ୍ମ ହେବା ପାଇଁ ସବୁ ବ୍ୟବସ୍ଥା କରାଯାଇଛି । ଭ୍ୟାନରେ ଜଣେ ଏଏନ୍‌ଏମ, ନର୍ସ ଏବଂ ଅନ୍ୟ କର୍ମଚାରୀ ରହିବେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜାଗୃତି ଏହାର ଦାୟିତ୍ୱରେ ରହିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର, ଜିଲାପାଳ ଡ଼ା. ବୃନ୍ଦା ଡ଼ି, ଜିଲା ପରିଷଦ ଅଧକ୍ଷା ଆକାଂକ୍ଷା ପ୍ରଧାନ, ଜିଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ରାଜଶ୍ରୀ ପଟ୍ଟନାୟକ, ଜାଗୃତିର କୈଳାଶ ଦଣ୍ଡପାଟ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଭ୍ୟାନ ଦ୍ୱାରା ୬ ପଞ୍ଚାୟତର ଲୋକେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇ ପାରିବେ ।

# କରୋନା ସଚେତନତା ରାଲି




ସଚେତନତା କରାଯାଉଛି।

**ଆସିକା,୧୫।୩ (ଡି.ଏନ୍.ଏ.)**

ଆସିକା ବ୍ଲକ କେନ୍ଦୁପଦର ପଞ୍ଚାୟତରେ ରବିବାର କରୋନା ଭୂତାଣୁ ସଚେତନତା ନେଇ ଏକ ବୈଠକ ଓ ରାଲି ହୋଇଥିଲା। ବ୍ଲକ ଅଧକ୍ଷ ହରେକୃଷ୍ଣ ମଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସରପଞ୍ଚ ଲକ୍ଷ୍ମୀ ବେହେରା, ନାଏବ ସରପଞ୍ଚ ପ୍ରମୋଦ କୁମାର ବିଶ୍ୱାଳ, ନୋଡାଲ ଅଫିସର ସ୍ମୃତି ରଞ୍ଜନ ବେହେରା, ଗ୍ରାମସେବକ ଧନଞ୍ଜୟ ପାତ୍ର, ଜିଆର୍‌ଏସ ଉଷା ପ୍ରଧାନଙ୍କ ସମେତ ଅଙ୍ଗନୱାଡି କର୍ମୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀ ସଭ୍ୟାମାନେ ଯୋଗଦେଇଥିଲେ । କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ଲାଗି ବିଭିନ୍ନ ସତର୍କତାମୂଳକ ବ୍ୟବସ୍ଥା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଜନସାଧାରଣ କୌଣସି ଗୁଜବ ପ୍ରତି ଧ୍ୟାନ ନ ଦେଇ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦେବା, ଭିଡରୁ ନିଜକୁ ଦୂରେଇ ରହିବା, ଭଲ ଭାବରେ ହାତ ଧୋଇବା, କେହି କରୋନା ସନ୍ଦିଗ୍ଧ ଜଣାପଡିଲେ ତୁରନ୍ତ ଡାକ୍ତରଖାନା ନେବାକୁ ପରାମର୍ଶ ଦିଆଯାଇଥିଲା । ବୈଠକ ପରେ ସଚେତନତା ରାଲି କେନ୍ଦୁପଦର ଗ୍ରାମ ପରିକ୍ରମା କରିଥିଲା ।

### ଜାଲ୍ ସାର୍ଟିଫିକେଟ ଧାରୀ ଶିକ୍ଷକ ଗିରଫ

**ଖଲ୍ଲିକୋଟ, ୧୫।୩ (ଡି.ଏନ.ଏ.):** ଖଲ୍ଲିକୋଟ ବ୍ଲକ ଗୁରାପଲି ଅପର ପ୍ରାଇମେରୀ ବିଦ୍ୟାଳୟର ସହକାରୀ ଶିକ୍ଷକ ରୂପେ ଚାକିରି କରୁଥିବା ନକଲି ଶିକ୍ଷକ ଲକ୍ଷଣ ପାତ୍ରଙ୍କୁ ରବିବାର ସ୍ଥାନୀୟ ପୋଲିସ ଗିରଫ କରିଛି। ଏ ନେଇ ଖଲ୍ଲିକୋଟ ପୋଲିସ ନଂ. ୨୦/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଞ୍ଚଳରେ ଅନ୍ୟ କେତେଜଣ ଜାଲ୍ ସାର୍ଟିଫିକେଟଧାରୀ ଶିକ୍ଷକ ଥିବା ଜଣାପଡ଼ିଥିବା ବେଳେ ସେମାନଙ୍କୁ ଶୀଘ୍ର ଧରାଯିବ ବୋଲି ଆଇଆଇସି ସତ୍ୟରଞ୍ଜନ ପ୍ରଧାନ କହିଛନ୍ତି। ଲକ୍ଷ୍ମଣ ୨୦୦୬ରୁ ଶିକ୍ଷକତା କରୁଥିଲେ। ଉତ୍କଳ ୟୁନିଭରସିଟିର ବିଏଡ୍ ସାର୍ଟିଫିକେଟରେ ଚାକିରି କରୁଥିବାର ଜଣାଯାଇଥିଲା। ବିଇଓଙ୍କ ସୂଚନା ପ୍ରକାରେ ତାଙ୍କୁ ପୋଲିସ ଗିରଫ କରିଛି।

### କରୋନାରୁ ରକ୍ଷାପାଇବା ଲାଗି ହାତଧୁଆ କାର୍ଯ୍ୟକ୍ରମ

**ବେଗୁନିଆପଡ଼ା,୧୫।୩(ଡି.ଏନ.ଏ.):** ବେଗୁନିଆପଡ଼ା ବ୍ଲକ ସାଙ୍କୁଡ଼ାଠାରେ କରୋନ ଭୂତାଣୁରୁ ରକ୍ଷା ପାଇବା ପାଇଁ ହାତଧୁଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଯୋଗଦେଇ ହାତଧୁଆର କୌଶଳ, କରୋନା ପ୍ରତି ସଚେତନ ରହିବା ଲୋକଙ୍କୁ କହିଥିଲେ।

# କରୋନା ଭୟ ସତ୍ତ୍ୱେ ପଞ୍ଚୁଦୋଳ ଯାତ୍ରାରେ ଭକ୍ତଙ୍କ ଭିଡ଼



ପଞ୍ଚୁଦୋଳ ଯାତ୍ରାରେ ଭକ୍ତଙ୍କ ଭିଡ଼।

**ଗଞ୍ଜାମ,୧୫।୩ (ଡି.ଏନ.ଏ.):** ଗଞ୍ଜାମ ବ୍ଲକ ଅଧୀନ ହୁମା ହାଟ ପଡିଆ ଓ ଖଣ୍ଡଦେଉଳି ପଞ୍ଚୁଦୋଳ ପଡିଆରେ ପଞ୍ଚୁଦୋଳ ଯାତ୍ରା ରବିବାର ଆରମ୍ଭ ହୋଇଛି । କରୋନା ସଂକ୍ରମଣ ଆଶଙ୍କା ସତ୍ତ୍ୱେ ହଜାର ହଜାର ଭକ୍ତଙ୍କ ଭିଡ଼ ଜମିଥିଲା। ବର୍ଷକୁ ଥରେ ହେଉଥିବା ଏହି ଯାତ୍ରା ଦେଖିବାକୁ କରୋନା ଭୟ ଅଟକାଇ ପାରିନଥିଲା। ସମସ୍ତ ଠାକୁର ସକାଳ ୮ଟାରେ ପଡିଆରେ ପହଞ୍ଚିବା ପରେ ଯାତ୍ରା ଆରମ୍ଭ ହୋଇଥିଲା। ପୂର୍ବ ପରମ୍ପରା ଅନୁଯାୟୀ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ସୋମବାର ୧୬ ଠାକୁରଙ୍କ ପଞ୍ଚୁଦୋଳ ପଡିଆରେ ମିଳନ ହେବା ପରେ ସେଠାରେ ହରିହର ଭେଟ ଅନୁଷ୍ଠିତ ହେବ ବୋଲି ଯାତ୍ରା ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ସେଠାରୁ ଠାକୁର ଫଗୁ ଖେଳି ନିଜ ନିଜ ମନ୍ଦିରକୁ ଫେରିବେ। ଚଳିତ ବର୍ଷ ଯାତ୍ରା ଶାନ୍ତି ଶୃଙ୍ଖଳାର ସହ ଚାଲିଥିବା ଜଣାପଡିଛି।

### ମଞ୍ଚସ୍ଥ ପୂର୍ବରୁ ନାଟକ ବନ୍ଦ କଲା ପ୍ରଶାସନ

**କରୋନା ସଂକ୍ରମଣ ଭୟ**

**ଆସିକା, ୧୫।୩ (ଡି.ଏନ୍.ଏ):** ଆସିକା ବ୍ଲକ ଗାଙ୍ଗପୁର ଥାନା ଅନ୍ତର୍ଗତ ଲଣ୍ଡାଜୁଆଳି ଗ୍ରାମରେ ରବିବାର ସନ୍ଧ୍ୟାରେ ଦୋଳଯାତ୍ରା ଲାଗି ନାଟକ ମଞ୍ଚସ୍ତ ହେବାକୁ ଯାଉଥିବା ବେଳେ ପ୍ରଶାସନ ପହଞ୍ଚି ତାହାକୁ ବନ୍ଦ କରିଛି । ନାଟକ ମଞ୍ଚସ୍ତ ହେବାକୁ ଥିବା ଖବରପାଇ ଆସିକା ତହସଲିଦାର ସଦାନନ୍ଦ ସେଠୀ, ବିଡିଓ ପ୍ରଦୀପ କୁମାର ପଣ୍ଡା, ଗାଙ୍ଗପୁର ପୋଲିସ ସହ ଲଣ୍ଡାଜୁଆଳି ଗ୍ରାମରେ ପହଞ୍ଚିଥିଲେ । ଅଧିକାରୀମାନେ ଗ୍ରାମ୍ୟ କମିଟି ସଭାପତି, ସମ୍ପାଦକ ଓ ଦୋଳଯାତ୍ରା କମିଟିର ସଦସ୍ୟମାନଙ୍କ ସହ କରୋନା ଭୂତାଣୁ ସଂକ୍ରମଣର ସ୍ଥିତି ସମ୍ପର୍କରେ ଆଲୋଚନା କରିବା ପରେ ଗ୍ରାମବାସୀ ନାଟକ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିବା ତହସିଲଦାର ସୂଚନା ଦେଇଛନ୍ତି।

# ଶକ୍ତିଦାୟିନୀଙ୍କ ମନ୍ଦିର ପ୍ରତିଷ୍ଠା



କଳସ ଶୋଭାଯାତ୍ରା ।

**ଫୁଲବାଣୀ ଅଫିସ, ୧୫।୩:** ଫୁଲବାଣୀ ସହର ପିଅନପଡ଼ାରେ ମା' ଶକ୍ତିଦାୟିନୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ୩ ଦିନ ଧରି ଏହି ଉତ୍ସବ ଚାଲିଥିଲା। ପ୍ରଥମ ଦିନ ଡାକପାଲା ଡ୍ୟାମ ପାଖରୁ କଳସ ଶୋଭାଯାତ୍ରା ବାହାରି ମନ୍ଦିରରେ ପହଞ୍ଚିଥିଲା । ପରେ ଅଙ୍କୁରାରୋପଣ, ମନ୍ଦିର ଅଧିବାସ ମହାସ୍ନାନ, ଦେବୀଙ୍କ ଷୋଡଶ ଉପଚାର ପୂଜା, ନାମ ସଂକୀର୍ତ୍ତନ ଏବଂ ରବିବାର ପୂର୍ଣ୍ଣାହୁତି ଦିଆଯାଇଥିଲା । ମନ୍ଦିର ପୂଜକ ସଞ୍ଜୟ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମନ୍ଦିର କମିଟି ସଦସ୍ୟ ଦୀପକ କୁମାର ମହାନ୍ତି, ସୂର୍ଯ୍ୟକାନ୍ତ ଦାସଙ୍କ ସମେତ ଅନ୍ୟମାନେ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ ।

# ଶୁଣ୍ଠୀଗାଁ ଆଶ୍ରମ ସ୍କୁଲ ହଷ୍ଟେଲ ନିର୍ମାଣ ସରିଲା

**ଫିରିଙ୍ଗିଆ,୧୫।୩**



କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ହଷ୍ଟେଲ ।

ଧରିତ୍ରୀ ପ୍ରଭାବ

ଫିରିଙ୍ଗିଆ ବ୍ଲକ ଭୃଙ୍ଗିଯୋଡି ପଞ୍ଚାୟତ ଶୁଣ୍ଠୀଗାଁରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ) ପକ୍ଷରୁ ସ୍କୁଲ ଛାତ୍ରୀଙ୍କ ପାଇଁ ହଷ୍ଟେଲ ନିର୍ମାଣ କାର୍ଯ୍ୟ ସରିଛି। ଦୀର୍ଘ ୫ ବର୍ଷ ଧରି ହଷ୍ଟେଲ ନିର୍ମାଣ କାର୍ଯ୍ୟ ସରୁ ନ ଥିବା ସମ୍ପର୍କରେ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ଆଇଟିଡିଏ କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରିବାରୁ ଚଳିତ ମାସରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଛାତ୍ରୀମାନେ ଖୁବ୍‌ଶୀଘ୍ର ସେଠାରେ ରହିବେ ବୋଲି ଯନ୍ତ୍ରୀ ପବିତ୍ର ମୋହନ ସାହୁ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଶୁଣ୍ଠୀଗାଁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ୧ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୨୩୪ ଛାତ୍ରୀଛାତ୍ର ପଢୁଛନ୍ତି। ଏହି ବିଦ୍ୟାଳୟରେ ୪୦ ସିଟ୍ ବିଶିଷ୍ଟ ଏକ ଛାତ୍ରାବାସ ଚାଲିଛି । ଛାତ୍ରୀଙ୍କ ପାଇଁ ୧୧୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ନିର୍ମାଣ ୫ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା । ପ୍ରାୟ ୫୦ ଲକ୍ଷ ଟଙ୍କା ଏଥିପାଇଁ ବ୍ୟୟବରାଦ ହୋଇଥିଲା । ପ୍ରଥମେ ଯେଉଁ ଠିକାଦାର କାମ କରୁଥିଲେ ସେ କାର୍ଯ୍ୟ ସମାପ୍ତ କରି ପାରିଲେ ନାହିଁ । ଆଉ ଜଣେ କାମ କଲେ । ସେ ବି ଅଧାପନ୍ତରିଆ କାର୍ଯ୍ୟ କରି ଛାଡିଦେଲେ। ଏହାପରେ ବ୍ଲକକୁ କାର୍ଯ୍ୟ ହସ୍ତାନ୍ତର ହୋଇଥିଲେ ମଧ କୌଣସି କାରଣରୁ ତାହା ହୋଇ ପାରିଲାନାହିଁ । ପରେ ପୁଣି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କାର୍ଯ୍ୟ ଭାର ନେଇଥିଲା ।

## ସଂକ୍ଷେପରେ

### ମଦ ଜବତ, ଜଣେ ଗିରଫ

**ବ୍ରହ୍ମପୁର ଅଫିସ,୧୫।୩:** ବେଆଇନ ଭାବେ ଦେଶୀ ମଦ ଚାଲାଣ କରୁଥିବା ବେଳେ ଜଣେ ଯୁବକଙ୍କୁ ଗୋଷାଣୀନୂଆଗାଁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ଗୋଷାଣୀନୂଆଗାଁ ତୋଟା ସାହିର କୃଷ୍ଣ ସାହୁ (୨୨)। ତାଙ୍କଠାରୁ ୧୧୦ ଗୋଟି ଦେଶୀ ମଦ ପାଉଚ ଜବତ କରାଯାଇଛି। ନଂ. ୨୫/୨୦ରେ କୃଷ୍ଣଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ଶନିବାର ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଅନ୍ଧପସରା ରୋଡରେ ଜଣେ ଯୁବକ ସନ୍ଦେହଜନକ ଭାବେ ଠିଆ ହୋଇଥିବା ଦେଖିବାକୁ ପାଇଥିଲା। ପୋଲିସ ତାଙ୍କୁ ପଚରାଉଚରା ବେଳେ ଦେଶୀ ମଦ ପାଉଚ ଭର୍ତ୍ତି ଏକ ଜରି ଅଖା ଜବତ କରିଥିଲା। ସେଥିରେ ୨୨ ଲିଟର ଦେଶୀ ମଦ ପ୍ୟାକେଟ ରହିଥିଲା। କୃଷ୍ଣ ବିକ୍ରି ପାଇଁ ନେବାକୁ ଅଟୋକୁ ଅପେକ୍ଷା କରିଥିବା ବେଳେ ଧରାପଡିଥିଲେ।

### ଲୁଟେରା ଗିରଫ, ମୋବାଇଲ ଫୋନ ଜବତ

**ବ୍ରହ୍ମପୁର ଅଫିସ,୧୫।୩:** ବ୍ରହ୍ମପୁର ଗୋଷାଣୀନୂଆଗାଁ ପୋଲିସ ଜଣେ ଲୁଟରାଙ୍କୁ ଗିରଫ କରିଛି। ସେ ହେଲେ ନରୋତ୍ତମ ସାହୁ (୨୪)। ଘର କେ.ନୂଆଗାଁ ଥାନା ଅନ୍ତର୍ଗତ ଚିକିଟିପେଣ୍ଠ। ପୋଲିସ ତାଙ୍କ ନିକଟରୁ ମୋବାଇଲ ଫୋନ ଜବତ କରି ଆବେଦନକାରୀଙ୍କ ଜିମା ଦେଇଛି। ମାମଲା ନମ୍ବର ୨୬/୨୦ରେ ନରୋତ୍ତମଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ଘଟଣାରୁ ପ୍ରକାଶ, ଶନିବାର ବୈକୁଣ୍ଠ ସାମନ୍ତରାୟ ଘରକୁ ଫେରୁଥିବା ବେଳେ ସ୍ଥାନୀୟ ଗୁଡ୍‌ସଶେଡ୍ ରୋଡରେ ଜଣେ ଦୁର୍ବୃତ୍ତ ତାଙ୍କ ପକେଟରୁ ମୋବାଇଲ ଫୋନ ଝାମ୍ପି ନେଇଯାଇଥିଲେ। ବୈକୁଣ୍ଠ ଚିତ୍କାର କରିଥିଲେ। ସ୍ଥାନୀୟ ଲୋକେ ଲୁଟେରାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ।

### ଆଜିଠାରୁ ବିଏମ୍‌ସିର ସବୁ ଲାଇବ୍ରେରି ବନ୍ଦ

**ବ୍ରହ୍ମପୁର ଅଫିସ,୧୫।୩:** ବ୍ରହ୍ମପୁର ମହାନଗର ନିଗମ ପରିଚାଳିତ ସମସ୍ତ ଲାଇବ୍ରେରି ଓ ରିଡିଂ ରୁମ୍ ସୋମବାରରୁ ବନ୍ଦ କରାଯିବ। ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ସମଗ୍ର ମାନବ ସମାଜ ପାଇଁ ଆତଙ୍କ ସୃଷ୍ଟି କରିଥିବା ମହାମାରୀ କରୋନା ଭାଇରସ୍‌କୁ ଦୃଷ୍ଟିରେ ରଖି ଏବଂ ଗୋଟିଏ ସ୍ଥାନରେ ଲୋକଙ୍କ ଗହଳି ନ ହେବା ପାଇଁ ଏଭଳି ପଦକ୍ଷେପ ନିଆଯାଇଥିବା ବିଏମ୍‌ସି ଜାରି କରିଥିବା ବିଜ୍ଞପ୍ତିରେ ଦର୍ଶାଯାଇଛି।

### ସେବା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କରୋନା ସଚେତନତା ରାଲି

**ପୋଲସରା,୧୫।୩(ଡି.ଏନ.ଏ.):** ପୋଲସରା ଅଞ୍ଚଳରେ ଥିବା ସେବା ଚାରିଟେବୁଲ ପକ୍ଷରୁ ସରକାରଙ୍କ ଜରୁରୀକାଳୀନ ପରିସ୍ଥିତିକୁ ଦୃଷ୍ଟିରେ ରଖି କରୋନା ନେଇ ଏକ ସଚେତନତା ରାଲି କରାଯାଇଥିଲା। ଚାରିଟେବୁଲ ଟ୍ରଷ୍ଟର ଚେୟାରମ୍ୟାନ ମନୋଜ କୁମାର ଘଡେଇଙ୍କ ତତ୍ତ୍ୱାବଧାନରେ ପୋଲସରା ସହରରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ମୁଖ୍ୟଅତିଥି ରୂପେ ପୋଲସରା ବିଡିଓ ଶମ୍ଭୁନାଥ ନନ୍ଦୀ ରାଲିରେ ସାମିଲ ହୋଇ ଜନସାଧାରଣଙ୍କୁ ସଚେତନ କରିଥିଲେ। ସେବା ଟ୍ରଷ୍ଟର ଭାଇସ ଚେୟାରମ୍ୟାନ ସୁଶାନ୍ତ କୁମାର ପୋଲେଇ, ସମ୍ପାଦକ ଗୋପାଳ କୃଷ୍ଣ ସାହୁ, କୋଷାଧ୍ୟକ୍ଷ ରତ୍ନାକର ସାହୁ, ସହ ସମ୍ପାଦକ ରଞ୍ଜନ ପାଣିଗ୍ରାହୀ, ସନ୍ତୋଷ ବେହେରା, ବବିତା ବେହେରା ପ୍ରମୁଖ ଯୋଗ ଦେଇଥିଲେ।

### ବେଳାଭୂମି ନ ଯିବା ଲାଗି ସଚେତନତା

**ଗୋପାଳପୁର,୧୫।୩:** ମାରାତ୍ମକ କରୋନା ଭାଇରସ୍ ବିଭିନ୍ନ ଦେଶକୁ କାୟା ବିସ୍ତାର କରିଥିବା ବେଳେ ରାଜ୍ୟ ସରକାର ମଧ ଏହାକୁ ବିପର୍ଯ୍ୟୟ ଘୋଷଣା କରିଛନ୍ତି। ଗଞ୍ଜାମ ଜିଲାପାଳ ସୁସ୍ଥ ପରିବେଶ ସୃଷ୍ଟି କରିବା ପାଇଁ ଗୋପାଳପୁର ଓ ସୋନପୁର ବେଳାଭୂମିକୁ ବୁଲିବା ପାଇଁ ଲୋକଙ୍କୁ ସମ୍ପୂର୍ଣ୍ଣ ବାରଣ କରିଛନ୍ତି। ରବିବାର ସନ୍ଧ୍ୟାରେ ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତ, ଗୋପାଳପୁର ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀ ଓ କର୍ମଚାରୀମାନେ ଗୋପାଳପୁର ବେଳାଭୂମିରେ ଲୋକମାନେ ଚଳପ୍ରଚଳ ନ କରିବାକୁ ସଚେତନ କରିଥିଲେ। ମୁହଁରେ ମାସ୍କ ପିନ୍ଧିବା ସହ ହାତକୁ ସାବୁନରେ ଭଲଭାବେ ଧୋଇବାକୁ କୁହାଯାଇଥିଲା।

# ପୂଜାରେ ସୀମିତ ରହିବ ତାରାତାରିଣୀଙ୍କ ଚୈତ୍ରଯାତ୍ରା

**ଛତ୍ରପୁର/ବ୍ରହ୍ମପୁର ଅଫିସ, ୧୫।୩(ଡି.ଏନ.ଏ.)**

**କରୋନା ନେଇ ଜିଲାପାଳଙ୍କ ଜରୁରୀ ବୈଠକ**



ଏସଏଚଜି ଦ୍ୱାରା ପ୍ରସ୍ତୁତ ମାସ୍କ ପିନ୍ଧିଛନ୍ତି।

- ମୁଣ୍ଡନ, କଲ୍ୟାଣ ମଣ୍ଡପ, ବସ୍ ସେବା ବନ୍ଦ
- ଦଣ୍ଡଯାତ୍ରା ବନ୍ଦ, ବେଳାଭୂମିରେ ବୁଲି ପାରିବେନି ପର୍ଯ୍ୟଟକ
- ଗୁଜବ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ
- ୨୦ ଟଙ୍କାରେ ମିଳିବ ମାସ୍କ, ସାନିଟାଇଜର

କରୋନାର ଭୟାବହତା ନେଇ ଗଞ୍ଜାମରେ ସତର୍କତା ଅବଲମ୍ବନ ପାଇଁ ରବିବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଛତ୍ରପୁରସ୍ଥିତ ସମ୍ମିଳନୀ ଗୃହରେ ଏକ ଜରୁରୀ ବୈଠକ କରିଥିଲେ। ଏବେ ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା ଚାଲିଛି। ଆସନ୍ତା ମଙ୍ଗଳବାର ଦ୍ୱିତୀୟ ପାଳି। ଏହି ଯାତ୍ରା ଉପରେ କେତେକ କଟକଣା ପ୍ରଶାସନ ପକ୍ଷରୁ ଲଗାଯାଇଛି। ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି କଡା ନିଷ୍ପତ୍ତି ନିଆଯାଇଛି।

ବୈଠକରେ ମନ୍ଦିର ଟ୍ରଷ୍ଟ, କମିଟି ସଦସ୍ୟ, ସେବାୟତ ବିଧାୟକ ଓ ବିଭିନ୍ନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ଚୈତ୍ର ମଙ୍ଗଳବାର ଯାତ୍ରା ବେଳେ ମୁଣ୍ଡନ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି। ପାହାଡ ଉପରେ ଥିବା ମନ୍ଦିରକୁ ଯିବା ପାଇଁ ସ୍ୱତନ୍ତ୍ର ବସ୍ ସେବା ଓ ଅଟୋ ବନ୍ଦ କରାଯାଇଥିବା ବୋଲି ଖବରଦାତା ସମ୍ମିଳନୀରେ ଜିଲାପାଳ ସୂଚନା ଦେଇଛନ୍ତି। ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରାରେ ବାହାର ଲୋକଙ୍କୁ ସାମିଲ କରାଯିବ ନାହିଁ। ଏପରିକି ସ୍ଥାନୀୟ ଲୋକେ ମଧ ନ ଯିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଯେଉଁମାନେ ବିଶେଷ କାରଣ ପାଇଁ ମନ୍ଦିରକୁ ଯିବେ, ସେଠାରେ ସେମାନଙ୍କର ଦେହର ତାପମାତ୍ରା ମାପିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ପାହାଡ ପାଦଦେଶରେ ଏବଂ ଉପରି ଭାଗରେ ହାତ ଧୋଇବାର ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯାତ୍ରାରେ ଲୋକମାନେ ଏକତ୍ରିତ ହେବାକୁ ବାରଣ କରାଯାଇଛି। ଯାତ୍ରାର ପୂଜା ବିଧି ଯଥାରୀତି ସମ୍ପନ୍ନ ହେବ। ସାଜସଜ୍ଜା ମଧ ଉଚିତ ଢଙ୍ଗରେ ପ୍ରଦର୍ଶିତ ହେବ। କିନ୍ତୁ ଯାତ୍ରୀଙ୍କ ସମାଗମକୁ ପ୍ରଶ୍ରୟ ଦିଆଯିବ ନାହିଁ। ସରକାରୀ ଏବଂ ବେସରକାରୀ କଲ୍ୟାଣ ମଣ୍ଡପଗୁଡିକର ବୁକିଂ ବାତିଲ ହେବା ସହ ଭୋଜିଭାତକୁ ନିଷେଧ କରାଯାଇଛି। ଜିଲା ପ୍ରଶାସନର ଏହି ନିଷ୍ପତ୍ତିକୁ ସେବାୟତ ବାପୁଜୀ ରଣା ସ୍ୱାଗତ ଜଣାଇଥିଲେ। ଏଥିସହ ବିଧାୟିକା, ବିଧାୟକମାନେ ମଧ ସମର୍ଥନ ଜଣାଇଛନ୍ତି। ଗୋପାଳପୁର, ସୁନାପୁର, ବଟେଶ୍ୱର ଆଦି ସମସ୍ତ ବେଳାଭୂମିରେ ପର୍ଯ୍ୟଟକ ବୁଲିବାକୁ ବାରଣ କରାଯାଇଛି। ସୋସିଆଲ ମିଡିଆରେ ଅପପ୍ରଚାର, ଗୁଜବ, ଗାଇଡଲାଇନ୍‌କୁ ଅବମାନନା କଲେ ଆଇନନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଦଣ୍ଡ ଯାତ୍ରାକୁ ବନ୍ଦ କରାଯାଇଥିବା ବେଳେ ବିବାହ ଓ ବ୍ରତ ଆଦି କାର୍ଯ୍ୟକ୍ରମ ଘରେ କରନ୍ତୁ ବୋଲି ଜିଲାପାଳ କହିଛନ୍ତି। ବାହାର ରାଜ୍ୟରୁ ଆସୁଥିବା ଲୋକଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବାକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସରପଞ୍ଚଙ୍କୁ କୁହାଯାଇଛି। ମାସ୍କ ଅଭାବ ଦୂର ପାଇଁ ଏସଏଚ୍‌ଜିଗୁଡିକ ପ୍ରସ୍ତୁତ କରିବେ। ଏହାକୁ ୨୦ ଟଙ୍କାରେ ବିକ୍ରି କରାଯିବ। ସେହିପରି ସିଟି ବସ୍‌ରେ ୨୦ ଟଙ୍କାରେ ସାନିଟାଇଜର ମିଳିବ। ଏହି ବୈଠକରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ, ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଓ ଅମିୟ କୁମାର ସାହୁ, ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

## କରୋନା ଭୟ: ଦଣ୍ଡଯାତ୍ରା ପ୍ରଭାବିତ

ବ୍ରହ୍ମପୁର ଅଫିସ,୧୫।୩-ମହାମାରୀ କରୋନାକୁ ନେଇ ବିଶ୍ୱବ୍ୟାପୀ ଦେଖା ଦେଖାଦେଇଛି ଆତଙ୍କ। ଏହି ଭୂତାଣୁ ଏବେ ୧୪୫ ଦେଶକୁ ଆକ୍ରାନ୍ତ କରିସାଲାଣି। ଏହି ମହାମାରୀକୁ କିପରି ଭାବେ ରୋକାଯାଇପାରିବ ସେଥିପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲା ପ୍ରଶାସନ ଆଗକୁ ହେବାକୁ ଥିବା ପ୍ରସିଦ୍ଧ ଦଣ୍ଡନାଚ ଉପରେ କଟକଣା ଜାରି କରିଛନ୍ତି। ମାନସିକଧାରୀ ବିଭିନ୍ନ ସଂଗଠନ ପକ୍ଷରୁ ଏହି ପାରମ୍ପରିକ ପର୍ବ ଆୟୋଜନ କରାଯାଇଥାଏ। ଏହି ସମୟରେ ଶହ ଶହ ମାନସିକଧାରୀ ଏକାଠି ହୋଇ ବିଭିନ୍ନ ସ୍ଥାନକୁ ଯାତ୍ରା କରି ଓଡିଶାର କଳା ସଂସ୍କୃତିକୁ ଦଣ୍ଡନାଚ ମାଧମରେ ଦର୍ଶକଙ୍କ ଆଗରେ ପରିବେଷଣ କରିଥାନ୍ତି। ଏପରିକି ଦିନରେ ଧୂଳି ଦଣ୍ଡ ଓ ରାତିରେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଶହଶହ ଲୋକ ଦେଖିବା ପାଇଁ ଭିଡ ଜମାଇଥାନ୍ତି। ଏ ସମୟରେ ସଂକ୍ରମଣ ଆଶଙ୍କା ଥିବାରୁ ଏହା ଉପରେ କଟକଣା ଜାରି କରିଛି ଜିଲା ପ୍ରଶାସନ। ଅନ୍ୟପଟେ ଏହି ସମୟରେ ଅନ୍ୟତମ ଶକ୍ତିପୀଠ ତାରାତାରିଣୀରେ ଚଳିତ ବର୍ଷ ଚଇତି ପର୍ବ ହେବନାହିଁ ବୋଲି ଜିଲା ପ୍ରଶାସନ ନିର୍ଦ୍ଦେଶ ଜାରିକରିଛି। ଏଥର ଚଇତି ପର୍ବରେ କେବଳ ସ୍ଥାନୀୟ ଲୋକମାନେ ହିଁ ପୂଜା କରିବା ପାଇଁ ଅନୁମତି ମିଳିଛି। ଏପରିକି ମାନସିକ ଧାରୀମାନେ ଆସୁଥିବା ସ୍ୱତନ୍ତ୍ର ବସ୍‌କୁ ମଧ ଅନୁମତି ଦିଆଯିବ ନାହିଁ। ଅନ୍ୟରାଜ୍ୟରୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ନ ଆସିବା ପାଇଁ ଜିଲା ପ୍ରଶାସନ ଅନୁରୋଧ କରିଛି। ଏହାକୁ ନେଇ କ'ଣ ରହିଛି ପ୍ରତିକ୍ରିୟା।



"ବର୍ତ୍ତମାନ କରୋନା ଭୟାବହତାରେ ପ୍ରଶାସନ ଚାହୁଁଛି କିପରି ଭାବେ ଗହଳି ଉପରେ ରୋକ୍ ଲଗାଯାଇପାରିବ। ବାହାରୁ ଆସୁଥିବା ଲୋକମାନଙ୍କ ଗହଳି କମ୍ କରାଯିବ। ତେଣୁ ପାରମ୍ପରିକ ରୀତିନୀତିରେ ଚାଲୁଥିବା ଦଣ୍ଡାଯାତ୍ରା ଉପରେ କେତେକ କଟକଣା ଜାରି କରିଛନ୍ତି।

**-କେ.ନାନ୍ଦେଶୁ ସେନାପତି, ବରିଷ୍ଠ ହେତୁବାଦୀ**



"ଗଞ୍ଜାମଜିଲାରପ୍ରସିଦ୍ଧଯାତ୍ରାମଧରେଦଣ୍ଡାଅନ୍ୟତମ। ଏହାକୁ ଆମେ ଯଦି ବନ୍ଦ କରିଦେବା ବହୁ ଅଶାନ୍ତି ହେବ। ଆମେ ବିଭିନ୍ନ ଯାତ୍ରା ପାର୍ଟିକୁ ଅଗ୍ରିମ ଟଙ୍କା ଦେଇସାରିଛୁ। ଯଦି ଏହା ବନ୍ଦ କରାଯିବ ଆମକୁ ବହୁ କ୍ଷତି ସହିବାକୁ ପଡିବ।

**-ନାନୀ ରାଓ, ବିଜିପୁର କାଳୀମନ୍ଦିର ସଭାପତି**



"କିଭଳି ଭାବେ ଏହି ମହାମାରୀକୁ ରୋକାଯାଇ ପାରିବ ସେଥିପାଇଁ ଆଗୁଆ ସରକାର ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି ସିନେମା ହଲ୍‌ଗୁଡିକୁ ବନ୍ଦ କରିଛନ୍ତି। ପ୍ରଥମ କଥା ଆମେ ସିନା ବଞ୍ଚିଲେ ଯାତ୍ରା କରିବା। ସେଥିଲାଗି ସଚେତନତାର ଆବଶ୍ୟକତା ରହିଛି।

**-ଚନ୍ଦ୍ରକାନ୍ତ ପରିଡା, ଯାତ୍ରା ନିର୍ଦ୍ଦେଶକ**



"କରୋନା ଦୃଷ୍ଟିରୁ ଜନଗହଳିକୁ ଏଡାଇବା ପାଇଁ ଗଞ୍ଜାମ ଜିଲା ପ୍ରଶାସନ ନେଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ଖରାଦିନ ହୋଇଥିବାରୁ ପ୍ରତିଷେଧମୂଳକ ଭାବେ ଏହା ବନ୍ଦ କରାଯିବା ଆବଶ୍ୟକ।

**-ଭାଲଚନ୍ଦ୍ର ଷଡଙ୍ଗୀ, ବୁଦ୍ଧିଜୀବୀ**

# ହାବିଲଦାର କନ୍‌ଷ୍ଟେବଲ ସଂଘର କରୋନା ସଚେତନତା ବାର୍ତ୍ତା



ପୋଲିସ କଲୋନୀରେ କରୋନା ସଚେତନତାର ବାର୍ତ୍ତା ଦେଉଛନ୍ତି।

**ବ୍ରହ୍ମପୁର ଅଫିସ,୧୫।୩**

ସାରା ବିଶ୍ୱରେ କରୋନା ଭୂତାଣୁ ନେଇ ଆତଙ୍କ ଓ ଅଚଳାବସ୍ଥା ଦେଖାଦେଇଛି। ଏନେଇ ଏବେ କେବଳ ସଚେତନତା ହିଁ ଏକ ମାତ୍ର ମାଧମ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ରବିବାର ଆମ୍ବପୁଆସ୍ଥିତ ରିଜର୍ଭ ପୋଲିସ କଲୋନୀରେ ରହୁଥିବା ପ୍ରାୟ ୩୦୦ ପୋଲିସ ପରିବାରଙ୍କୁ କରୋନା ସମ୍ପର୍କରେ ସଚେତନ କରାଯାଇଛି। ହାତକୁ ସାନିଟାଇଜର ଦ୍ୱାରା ଧୁଆ ଯାଇ ମାସ୍କ ବଣ୍ଟନ କରାଯାଇଥିଲା। କରୋନା ଭୂତାଣୁ ସଂକ୍ରମଣରୁ ମୁକ୍ତି ପାଇଁ ବିଭିନ୍ନ ପ୍ରକାର ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା। ଥଣ୍ଡା ଓ କାଶ ହେଉଥିବା ଲୋକଙ୍କୁ ଦେଖିଲେ ସ୍ୱାସ୍ଥ୍ୟ ବିଭାଗକୁ ଜଣାଇବାକୁ କୁହାଯାଇଥିଲା। କାର୍ଯ୍ୟକ୍ରମରେ ବ୍ରହ୍ମପୁର ହାବିଲଦାର ଓ କନଷ୍ଟେବଲ ସଂଘ ସଭାପତି କାଳୀ ଚରଣ ଷଡଙ୍ଗୀ, ଉପସଭାପତି ଜୁବୁଲା ସାମନ୍ତରାୟ, ସମ୍ପାଦକ ଜେ. ଶ୍ରୀନୁ, ରିଜର୍ଭ ଇନ୍‌ସପେକ୍ଟର ଦିଲୀପ କୁମାର ବେହେରା, ସରଜେଣ୍ଟ କବିବର ଦେଉରୀ, କୋଷାଧ୍ୟକ୍ଷ ଅନିଲ କୁମାର ପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ଚୋରି ଅଭିଯୋଗରେ ଗିରଫ

**ବ୍ରହ୍ମପୁର ଅଫିସ,୧୫।୩**

ବ୍ରହ୍ମପୁର ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ସଦାନନ୍ଦ ବିହାରରେ ରହୁଥିବା ସହକାରୀ ପ୍ରଫେସରଙ୍କ ତାଲାବନ୍ଦ ଘରୁ ଚୋରି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ସଦର ଥାନା ଅନ୍ତର୍ଗତ ଭାବିନୀପୁର ଗ୍ରାମର କୋକ ଦାସ (୨୩)। ନଂ. ୨୧/୨୦ରେ ପୋଲିସ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ଚୋରି ହୋଇଥିବା ଟଙ୍କା ମିଳିପାରି ନ ଥିବା ପୋଲିସ କହିଛି। ପ୍ରକାଶଯେ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ସହକାରୀ ପ୍ରଫେସର ହରେକୃଷ୍ଣ ବେହେରା ଓ ତାଙ୍କ ସ୍ତ୍ରୀ ଇନ୍ଦିରା ସଦାନନ୍ଦ ବିହାରରେ ରହୁଥିଲେ। ଗତ ୭ ତାରିଖରେ ସେମାନେ ତାଲା ପକାଇ କୌଣସି କାମରେ ବାହାରକୁ ଯାଇଥିଲେ। ୮ ତାରିଖରେ ଘରକୁ ଫେରିବା ବେଳେ ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଭିତରକୁ ଯାଇ ଇନ୍ଦିରା ଦେଖିବା ବେଳେ ଅଲମିରା ଭଙ୍ଗାଯାଇଥିଲା। ଲକରରେ ଥିବା ୨୦ ହଜାର ଟଙ୍କା ନ ଥିଲା। ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ ବେଳେ ଉକ୍ତ ସାହିରେ ଲାଗିଥିବା ସିସି ଟିଭି ଫୁଟେଜକୁ ଆଧାର କରି କୋକଙ୍କୁ ଗିରଫ କରିଛି। ଏଥିରେ ସମ୍ପୃକ୍ତ ଥିବା ଅନ୍ୟଜଣେ ଫେରାର ଥିବା ଜଣାପଡିଛି।

# ଏମ୍‌କେସିଜିରେ ଆଙ୍ଗୁଠି କାଟିଦେଲେ ରୋଗୀ

**ବ୍ରହ୍ମପୁର ଅଫିସ,୧୫।୩**



ଗଙ୍ଗା ମାଡକାନି।

ବ୍ରହ୍ମପୁର ବଡ ମେଡିକାଲରେ ରବିବାର ଅପରାହ୍ନରେ ଅସ୍ଥିଶଲ୍ୟ ବିଭାଗ ଶୌଚାଳୟରେ ଜଣେ ରୋଗୀ ଏକ ବ୍ଲେଡ୍‌ରେ ନିଜ ହାତର ତିନିଟି ଆଙ୍ଗୁଠି କାଟି ଦେଇଛନ୍ତି। ସେ ହେଲେ ମାଲକାନଗିରି ଥାନା ଅନ୍ତର୍ଗତ ଛେଳିମାଳ ଗ୍ରାମର ଗଙ୍ଗା ମାଡ଼କାନି (୩୫)। ଶୌଚାଳୟରେ ରକ୍ତାକ୍ତ ଅବସ୍ଥାରେ ପଡିଥିବା ଗଙ୍ଗାଙ୍କ ଚିତ୍କାର ଶୁଣି ସମ୍ପର୍କୀୟମାନେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି କାଜୁଆଲଟିରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ହେବା ପରେ ତାଙ୍କୁ ପୁଣି ଥରେ ଅସ୍ଥିଶଲ୍ୟ ବିଭାଗରେ ଭର୍ତ୍ତି କରାଯାଇଛି। ଗଙ୍ଗା ଜଣେ ମାନସିକ ବିକୃତ ରୋଗୀ ବୋଲି ଅଧୀକ୍ଷକ ପ୍ରଫେସର ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି। ସେ ରବିବାର ଅପରାହ୍ନରେ ଶୌଚାଳୟ ଯାଇ ସେଠାରେ ଏକ ବ୍ଲେଡ୍‌ରେ ନିଜ ବାମ ହାତର ୩ ଗୋଟି ଆଙ୍ଗୁଠି କାଟି ଦେଇଥିଲେ ବୋଲି କହିଛନ୍ତି। ପ୍ରକାଶଯେ, ଗତ ୯ ତାରିଖରେ ଗଙ୍ଗା ଏକ ୪୦୭ ଗାଡ଼ିରେ ଯାଉଥିବା ବେଳେ ଉକ୍ତ ଗାଡିଟି ମାଲକାନଗିରି ନିକଟରେ ଓଲଟି ପଡିଥିଲା। ଫଳରେ ସେ ଗାଡିରୁ ଖସି ତଳେ ପଡି ଯାଇଥିଲେ। ତାଙ୍କ ବାମ ହାତ ଉପରେ ଗାଡିଟି ରହିଯାଇଥଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ମାଲକାନଗିରି ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

# ସଂସ୍କାରବାଦୀ ସଂଗଠନର ଧାରଣା ସ୍ଥଗିତ

**ବ୍ରହ୍ମପୁର ଅଫିସ,୧୫।୩**

ସଂସ୍କାରବାଦୀ ସଂଗଠନ ପକ୍ଷରୁ କରୋନା ଭାଇରସ୍ ଯୋଗୁ କଟକ ମୁମ୍ବାଇ ୨ୟ ଟ୍ରେନ ଦାବି ନେଇ ଆସନ୍ତା ୨୯ ତାରିଖରେ ହେବାକୁ ଥିବା ଧାରଣା ସ୍ଥଗିତ ରଖାଯାଇଛି। ପୂର୍ବତଟ ରେଳପଥ ପ୍ରବନ୍ଧକଙ୍କୁ ବ୍ରହ୍ମପୁର ରେଳଷ୍ଟେଶନ ପ୍ରବନ୍ଧକଙ୍କ ମାଧମରେ ଏହି ସୂଚନା ଦିଆଯାଇଛି। ପୂର୍ବରୁ କଟକରୁ ମୁମ୍ବାଇ ଲାଗି ଆଉ ଏକ ଟ୍ରେନର ବ୍ୟସ୍ଥା କରିବାକୁ ରେଳ ଷ୍ଟେଶନ ସମ୍ମୁଖରେ ୨ ଦୁଇଘଣ୍ଟା ଧାରଣା ଦେବା ପାଇଁ ସ୍ଥିର କରାଯାଇଥିଲା। ବର୍ତ୍ତମାନ କରୋନା ଭାଇରସ୍ ସଂକ୍ରମଣ ଭୟ ଥିବାରୁ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ସଚେତନତାମୂଳକ ପଦକ୍ଷେପ ଓ ନିର୍ଦ୍ଦେଶାବଳୀ ଦେଇଛନ୍ତି। ନିର୍ଦ୍ଦେଶ ଯୋଗୁ ସଂସ୍କାରବାଦୀ ସଂଗଠନ ପକ୍ଷରୁ ଷ୍ଟେଶନ ସମ୍ମୁଖରେ ଧାରଣାରେ ବସିବା କାର୍ଯ୍ୟକ୍ରମକୁ ସ୍ଥଗିତ କରିଥିଲେ। ଆଲୋଚନା ସମୟରେ ସଂଘ ସଭାପତି ତ୍ରିନାଥ ମହାରଣା, ମଧୁସୂଦନ ସାହୁ, ସମ୍ପାଦକ ବିଘ୍ନେଶ୍ୱର ପାଢ଼ୀ, ଯୁଗ୍ମ ସମ୍ପାଦକ ବଦ୍ରୀ ପ୍ରସାଦ ପାତ୍ର ଓ କୋଷାଧ୍ୟକ୍ଷ ସନ୍ତୋଷିନୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବଜାରରେ ମିଳୁନି ସାନିଟାଇଜର, ମାସ୍କ

**ବ୍ରହ୍ମପୁର ଅଫିସ,୧୫।୩**



**ମହାନଗରରେ କରୋନା ଭୟ**

ମାରାତ୍ମକ କରୋନା ଭୂତାଣୁ ଆତଙ୍କ ଏବେ ସାରା ବିଶ୍ୱରେ ଦେଖିବାକୁ ମିଳିଛି। ୨ ଦିନ ତଳେ ଜଣେ କରୋନା ସନ୍ଦିଗ୍ଧ ଏମ୍‌କେସିଜି ମେଡିକାଲର ସ୍ୱତନ୍ତ୍ର ୱାର୍ଡରେ ଭର୍ତ୍ତି ହୋଇଥିଲେ। ସେହିପରି ଜାପାନ ଜଳ ଜାହାଜରେ ଦୀର୍ଘ ୨୩ ଦିନ ଧରି ଫସି ରହିଥିବା ବ୍ରହ୍ମପୁରର ଯୁବ ଇଞ୍ଜିନିୟର ଶିବାଶିଷ ନାୟକ ଭାରତ ଫେରି ପଞ୍ଜାବର ଜାଠ ରେଜିମେଣ୍ଟରେ ୧୫ ଦିନ ରହିବା ପରେ ସେ ଶୁକ୍ରବାର ବ୍ରହ୍ମପୁରରେ ପହଞ୍ଚିଥିଲେ। ଉଭୟଙ୍କ କରୋନା ଭୂତାଣୁ ରିପୋର୍ଟ ନେଗେଟିଭ ରହିଛି। ହେଲେ ମହାନଗର ଓ ଆଖପାଖ ଅଞ୍ଚଳରେ କରୋନାକୁ ନେଇ ଲୋକମାନେ ଭୟଭୀତ ରହିଛନ୍ତି। ସତର୍କତା ଅବଲମ୍ବନ କଲେ ଆମେ ଏହାଠାରୁ ଦୂରେଇ ରହିପାରିବା ବୋଲି ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ସଚେତନ କରାଯାଉଛି। ହେଲେ ବଜାରରେ ଏବେ ସାନିଟାଇଜର ଓ ମାସ୍କର ଅଭାବ ଦେଖା ଦେଇଛି। ଔଷଧ ଦୋକାନୀ କହୁଛନ୍ତି, ଲୋକଙ୍କ ଚାହିଦା ଅନୁସାରେ ଏବେ ବଜାରକୁ ସାନିଟାଇଜର ଓ ମାସ୍କ ଆସୁନାହିଁ। ଯେଉଁଠି ମିଳୁଛି ସେଠି ଦର ଦୋକାନୀ ମନଇଚ୍ଛା ନେଉଛନ୍ତି। ଫେବୃୟାରୀରେ ମାସ୍କର ଦର ଗୋଟା ପ୍ରତି ୧୦ ଟଙ୍କା ଥିବା ବେଳେ ଏବେ ଗୋଟିଏ ମାସ୍କର ଦର ୫୦/୬୦ ଟଙ୍କାରେ ବିକ୍ରି ହେଉଛି। ସାନିଟାଇଜର ପ୍ରାୟ ମାସେ ହେବ ମିଳୁନାହିଁ। ଯେଉଁ କେତେକ ସ୍ଥାନରେ ମିଳୁଛି ଗୋଟାକୁ ୧୫୦ରୁ ୨୦୦ ଟଙ୍କାରେ ବିକ୍ରି କରୁଛନ୍ତି। ଏଭଳି ପରିସ୍ଥିତିରେ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଅଚଳାବସ୍ଥାରେ ୱାଟର ଏଟିଏମ୍

**ବ୍ରହ୍ମପୁର ଅଫିସ,୧୫।୩**

**ପାଣି ପାଇଁ ଲୋକଙ୍କ ଦୁର୍ଦ୍ଦଶା**



ଅଚଳ ହୋଇ ପଡ଼ି ଥିବା ୱାଟର ଏଟିଏମ୍।

ଆଗକୁ ଆସୁଛି ଗ୍ରୀଷ୍ମ ଋତୁ। ବ୍ରହ୍ମପୁର ମହାନଗରବାସୀ ଓ ବାହାରୁ ସହରକୁ ଆସୁଥିବା ଜନସାଧାରଣଙ୍କ ପାଇଁ ବିଶୁଦ୍ଧ ଜଳ ଯୋଗାଣ ନିମନ୍ତେ ମହାନଗର ନିଗମ ପକ୍ଷରୁ ଏକ ୱାଟର ଏଟିଏମ୍‌ର ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ତାହା ୯ରୁ ୧୦ ମାସ କାର୍ଯ୍ୟକ୍ଷମ ହେବା ପରେ ବର୍ତ୍ତମାନ ଅଚଳ ହୋଇ ପଡ଼ିଛି। ଏବେ ଠାରୁ ଧୀରେ ଧୀରେ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହେଲାଣି। ଫଳରେ ଜନସାଧାରଣଙ୍କ ଲାଗି ଜଳର ଆବଶ୍ୟକତା ରହିଛି। କିନ୍ତୁ ଅଚଳ ଜଳ ଏଟିଏମ୍ ଉପରେ ମହାନଗର ନିଗମର ଦୃଷ୍ଟି କାହିଁକି ପଡୁନି ବୋଲି ସହରବାସୀ ଅଭିଯୋଗ କରିଛନ୍ତି।

ଜଳସଙ୍କଟ ଦୂର ଲାଗି ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଏକ ସଂସ୍ଥା ଦ୍ୱାରା ପିପିପି ମୋଡ଼ରେ ବିଭିନ୍ନ ଜନଗହଳି ପୂର୍ଣ୍ଣ ଅନ୍ନପୂର୍ଣ୍ଣା ବଜାର, ପୁରୁଣା ବସ୍‌ଷ୍ଟାଣ୍ଡ ଆହାର କେନ୍ଦ୍ର ଓ ରେଳଷ୍ଟେଶନ ଆହାର କେନ୍ଦ୍ର ନିକଟରେ ଜନସାଧାରଣଙ୍କୁ ବିଶୁଦ୍ଧ ପିଇବା ପାଣି ଯୋଗାଇବା ନିମନ୍ତେ ଜଳ ଏଟିଏମ୍‌ର ବ୍ୟବସ୍ଥା କରାଯାଇଥିଲା। ଅନ୍ନପୂର୍ଣ୍ଣା ବଜାରରେ ଲାଗିଥିବା ବାୟୁମଣ୍ଡଳୀୟ ଆଧୁନିକୀକରଣର ଏକ ଯନ୍ତ୍ର। ଯାହାକି ବାୟୁମଣ୍ଡଳରୁ ପବନ ସଂଗ୍ରହ କରି ଏଥିରେ ଥିବା ଆର୍ଦ୍ରତାକୁ ଶୁଦ୍ଧ ପାନୀୟ ଜଳରେ ପରିଣତ କରିବ। ଏହା ପ୍ରାୟ ୧୩.୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିଲା। ଏହି ଯନ୍ତ୍ର ଦିନକୁ ୩୦୦ ଲିଟର ଜଳ ଉତ୍ପାଦନ କରିବାର କ୍ଷମତା ରହିଛି। ସେହିପରି ଅନ୍ୟ ଦୁଇଟି ସ୍ଥାନରେ ଲାଗିଥିବା ଜଳ ଏଟିଏମ୍ ୧୧ ଲକ୍ଷ ଟଙ୍କାରେ ନିର୍ମାଣ ହୋଇଥିଲା। ଏହାର କ୍ଷମତା ଥିଲା ଘଣ୍ଟାରେ ୨୫୦ ଲିଟର ବିଶୁଦ୍ଧ ଜଳ ଯୋଗାଇ ପାରିବ। ଉକ୍ତ ଏଟିଏମ୍ କେନ୍ଦ୍ରଗୁଡ଼ିକରେ ଅଳ୍ପ ଦରରେ ଉଭୟ ଥଣ୍ଡା ଓ ଗରମ ଜଳ ମିଳିବାର ବ୍ୟବସ୍ଥା ରହିଥିଲା। କିନ୍ତୁ ଏହା ସହରବାସୀଙ୍କୁ କିଛି ମାସ ଜଳ ଯୋଗାଇବା ପରେ ଅଚଳ ହୋଇ ପଡ଼ିଛି। ୧୧ ଲକ୍ଷ ଟଙ୍କା ବ୍ୟୟରେ ଏହି ଯନ୍ତ୍ରଗୁଡ଼ିକ ସ୍ଥାପନ କରାଯାଇଥିଲା। କିନ୍ତୁ ତାହା ବର୍ତ୍ତମାନ ଅଚଳାବସ୍ଥାରେ କାହିଁକି ପଡ଼ି ରହିଛି ବୋଲି ସହରର କେତେକ ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପଟେ ପ୍ରତ୍ୟେକ ଦିନ ସହରକୁ ଆସୁଥିବା ହଜାର ହଜାର ସାଧାରଣ ଜନତା ଜଳ ଟୋପାଏ ପାଇଁ ଶୋଷରେ ଢ଼ହଳବିକଳ ହେଉଥିବା ଦେଖିବାକୁ ମିଳୁଛି। ଏହି ଜଳ ଏଟିଏମ୍‌ଗୁଡ଼ିକୁ ଅତି ଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ସହରବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ରହ୍ମପୁର ମହାନଗର ନିଗମ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ପଚାରିବାରୁ,ଏହି ଜଳ ଏଟିଏମ୍‌ଗୁଡ଼ିକ ଅଚଳାବସ୍ଥା ନେଇ ଡ଼େଲ୍‌ଟା ପିଓର୍ ସଂସ୍ଥାକୁ ଆମେ ଜଣାଇଛୁ। ସେହି ସଂସ୍ଥା କହିବାନୁଯାୟୀ, ଜଳ ଏଟିଏମ୍‌ଗୁଡ଼ିକର କେତେକ ଯନ୍ତ୍ରାଂଶ ଖରାପ ହୋଇ ଯାଇଛି। ଫଳରେ ସେଗୁଡ଼ିକ ଅଚଳ ହୋଇ ରହିଛି। ଉକ୍ତ ଯନ୍ତ୍ରାଂଶଗୁଡ଼ିକ ଚାଇନାରୁ ଆସିବାର ଥିଲା। କିନ୍ତୁ କରୋନା ପାଇଁ ତାହା ଆସିପାରୁ ନାହିଁ, ସେଗୁଡ଼ିକ ଆସିଲେ ଜଳ ଏଟିଏମ୍‌ଗୁଡ଼ିକ ପୁଣି ଥରେ କାର୍ଯ୍ୟକ୍ଷମ ହୋଇପାରିବ।

# ମ୍ୟାଜିକ୍ ବଦଳାଇଛି ଜୀବନ ମୋଡ଼

ଅମିତ କୁମାର ସାମଲ
ଅନୁଗୋଳ ଅଫିସ୍, ୧୫।୩


ମ୍ୟାଜିକ ଟ୍ରେନର ପଞ୍ଚାନନ ଦାସ।

- ପ୍ରଶିକ୍ଷଣ ବେଳେ ପ୍ରଶିକ୍ଷାର୍ଥୀଙ୍କ ବଢ଼ାଇପାରିଥିଲେ ଏକାଗ୍ରତା
- ମ୍ୟାଜିକ୍ ଟ୍ରେନ୍‌ର ଭାବେ ପୋଲିସ ବିଭାଗରେ ଜଣାଶୁଣା
- ପ୍ରତିଭାର ପରିଚୟ ଦେବାକୁ ପଞ୍ଚାନନଙ୍କୁ ଲାଗିଥିଲା ୯ ବର୍ଷ

ପୋଲିସ ବିଭାଗରେ ଚାକିରି କରି ବି ମନରେ ସନ୍ତୋଷ ନ ଥିଲା। ଚାକିରି ସହ ଅନ୍ୟ କିଛି କରି ଲୋକଙ୍କ ହୃଦୟ ଜିଣିବାକୁ ସେ ଚାହୁଁଥିଲେ। ତେଣୁ ତବଲା, ବେହେଲାଠାରୁ ସଙ୍ଗୀତ ଶିକ୍ଷା ଯାଏ ବିଭିନ୍ନ କ୍ଷେତ୍ରକୁ ଛୁଇଁବାକୁ ସେ ଉଦ୍ୟମ କରିଥିଲେ। ହେଲେ ସେସବୁରେ ବିଫଳତା ହିଁ ତାଙ୍କୁ ମ୍ୟାଜିକ୍ ଦିଗରେ ଅଗ୍ରସର ହେବାକୁ ବାଟ କଢ଼ାଇଥିଲା। ଆଉ ଏହାପରେ ଫୁଟ୍‌ପାଥ୍‌ରୁ ଆରମ୍ଭ ହୋଇଥିବା ମ୍ୟାଜିକ୍ ଶିକ୍ଷା ବା ଯାଦୁବିଦ୍ୟା କେରଳର ଥିରୁଭାନନ୍ଥପୁରମ୍ ଏକାଡେମୀରେ ପୂର୍ଣ୍ଣାଙ୍ଗ ହେବା ସହ ପଞ୍ଚାନନ ଦାସଙ୍କ ଜୀବନର ମୋଡ଼ ବଦଳାଇ ଦେଇଥିଲା।

ଅନୁଗୋଳ ସହର ଉପକଣ୍ଠ ରାଣୀଗୁଡ଼ା ଶିବମନ୍ଦିର ସମ୍ମୁଖରେ ରହୁଥିବା ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବାଲିମୀ ଅଞ୍ଚଳର ପଞ୍ଚାନନ ଦାସଙ୍କ ଚାକିରି ଜୀବନ ଆରମ୍ଭ ହୋଇଥିଲା କୋରାପୁଟରୁ। ଓଡ଼ିଶା ପୋଲିସର ଡ୍ରିଲ୍ ପ୍ରଶିକ୍ଷକ ଭାବେ ସେ କୋରାପୁଟରେ ପ୍ରଥମ ପୋଷ୍ଟିଂ ପାଇଥିଲେ। ପେସା ପୋଲିସ ହୋଇଥିଲେ ବି ତାଙ୍କ ନିଶା ଥିଲା ଭିନ୍ନ କିଛି। ସ୍ତ୍ରୀ ଦୀପ୍ତିମୟୀ ଓ ଦୁଇ ପୁଅଙ୍କ ପାଖରୁ ଏ ନେଇ ପ୍ରେରଣା ପାଇ ସେ ଫୁଟ୍‌ପାଥ୍‌ରେ ମ୍ୟାଜିକ୍ ଦେଖାଉଥିବା ମ୍ୟାଜିସିଆନଙ୍କଠାରୁ ତାଲିମ ନେବା ଆରମ୍ଭ କଲେ। ସେଥିରେ କିଛିଟା ଦକ୍ଷତା ହାସଲ କରିବା ପରେ ୨୦୦୧ ମସିହାରେ ତାହାକୁ ନିଜ କର୍ମକ୍ଷେତ୍ରରେ ଉପଯୋଗ କଲେ। ଦୈନିକ ସକାଳ ଓ ସନ୍ଧ୍ୟାରେ ଡ୍ରିଲ୍ ବେଳେ ଏକାଗ୍ରତା ହରାଉଥିବା ନବାଗତ ପୋଲିସ ପ୍ରଶିକ୍ଷାର୍ଥୀମାନଙ୍କୁ ମ୍ୟାଜିକ୍ ଦେଖାଇ ସେମାନଙ୍କୁ ଠିକଣା ପ୍ରଶିକ୍ଷଣ ଦେବାରେ ସେ ସଫଳତା ପାଇପାରିଲେ। ତେବେ ଅନୁଗୋଳ ପୋଲିସ ଟ୍ରେନିଂ କଲେଜ(ପିଟିସି) ଓ ପରେ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ (ବିପିଏସ୍‌ପିଏ)କୁ ବଦଳି ତାଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିପାରିଥିଲା। ସେଠାରେ ପୋଲିସ ପ୍ରଶିକ୍ଷକରୁ ସେ ପାଲଟି ଯାଇଥିଲେ ମ୍ୟାଜିକ୍‌ମ୍ୟାନ୍ ଟ୍ରେନର। ବିପିଏସ୍‌ପିଏରେ ପ୍ରଶିକ୍ଷଣ ଦେଉଥିବା ବେଳେ ଜଣେ ଓଡ଼ିଆ ଆଇପିଏସ୍ ଅଧିକାରୀ ତାଙ୍କ ମ୍ୟାଜିକ୍ ପ୍ରତିଭାରେ ଚକିତ ହୋଇଯାଇଥିଲେ। ଏଥିସହ ତାଙ୍କୁ ଅଧିକ ତାଲିମ ନେବାକୁ କେରଳର ଥିରୁଭାନନ୍ଥପୁରମ୍‌ସ୍ଥିତ ମ୍ୟାଜିକ୍ ଏକାଡେମୀକୁ ପଠାଇଥିଲେ। ୬ ମାସର ତାଲିମ ଶେଷ କରି ସେ ୨୦୧୦ରେ ଓଡ଼ିଶା ଫେରି ବିଭିନ୍ନ ସ୍ଥାନରେ ମ୍ୟାଜିକ୍ ଦେଖାଇ ପ୍ରଶଂସା ପାଇବା ସହ ଆତ୍ମସନ୍ତୋଷ ପାଇଥିଲେ। ତେବେ ଭୁବନେଶ୍ୱରରେ ଥିବା ପ୍ଲେଇଙ୍ଗ କାର୍ଡ ମାଷ୍ଟର ସୁକେଶ ପଟ୍ଟନାୟକ ଓ ସନ୍ତୋଷ ଚୌଧୁରୀଙ୍କ ପାଖରୁ ତାଲିମ ନେବାପରେ ତାଙ୍କ ଜୀବନର ମୋଡ଼ ବଦଳି ଗଲା। ତାଙ୍କ ଯାଦୁ ବିଦ୍ୟାରେ ଯେପରି ପର ଲାଗିଗଲା। ପିଟିସିରୁ ପ୍ରଶିକ୍ଷକ ଇନ୍ସପେକ୍ଟର ଭାବେ ୨୦୧୯ ମେ ରୁ ଅବସର ଗ୍ରହଣ କରିଥିଲେ ବି ମ୍ୟାଜିକରୁ ସେ ଅବସର ନେଇନାହାନ୍ତି। ଇତିମଧ୍ୟରେ ୨ ହଜାରରୁ ଅଧିକ ସ୍ଥାନରେ ସେ ମ୍ୟାଜିକ୍ ଦେଖାଇସାରିଲେଣି। ରାଜସ୍ଥାନ, କେରଳ, ଉତ୍ତରପ୍ରଦେଶ ଆଦି ରାଜ୍ୟରେ ତାଙ୍କ ଯାଦୁବିଦ୍ୟାକୁ ବହୁ ପ୍ରଶଂସା ମିଳିଛି। ଭୁବନେଶ୍ୱରରେ ହୋଇଥିବା ବିଶ୍ୱସ୍ତରୀୟ ମ୍ୟାଜିକ୍ ଶୋ' ସେ ଜିତିପାରି ନ ଥିଲେ ବି ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେ ନିଜକୁ ଧନ୍ୟ ମନେ କରୁଥିବା ପଞ୍ଚାନନ କହିଛନ୍ତି। ରାଜ୍ୟ ଓ ରାଜ୍ୟ ବାହାରେ ଅନୁଷ୍ଠିତ ସର୍ବଭାରତୀୟ ମହିଳା ପୋଲିସ ସମ୍ମିଳନୀ, ଆଇଏଏସ୍ ସମ୍ମିଳନୀରେ ସେ ନିଜ ଯାଦୁ ବିଦ୍ୟାର ଅନେକ ଛାପ ଛାଡ଼ିଛନ୍ତି। ତାଙ୍କ ନିକଟରୁ ମ୍ୟାଜିକ ଶିଖିଥିବା ୭୦ରୁ ଉର୍ଦ୍ଧ୍ୱ ପିଲାଙ୍କ ମଧ୍ୟରୁ ୭ ଜଣ ଏହାକୁ ବୃତ୍ତି କରିଥିବାବେଳେ ଢେଙ୍କାନାଳ ଜିଲାର ବିଷ୍ଣୁ ପ୍ରସାଦ ବେହେରା ଜାତୀୟସ୍ତରୀୟ ଏକ ଘରୋଇ ଟେଲିଭିଜନ ଚ୍ୟାନେଲରେ ପ୍ରସାରିତ ରିଅଲଟି ଶୋ' ଇଣ୍ଡିଆଜ୍ ଗଟ୍ ଟ୍ୟାଲେଣ୍ଟର ବିଚାରକମାନଙ୍କୁ ଆକୃଷ୍ଟ କରିପାରିବା ପଞ୍ଚାନନଙ୍କ ପାଇଁ ଆଣିଦେଇଛି ଗର୍ବ। ମ୍ୟାଜିକ୍‌ରୁ ମିଳୁଥିବା ଅର୍ଥକୁ ସେ ବିଭିନ୍ନ ସାମାଜିକ ମଙ୍ଗଳ କାର୍ଯ୍ୟ ପାଇଁ ଦାନ କରୁଛନ୍ତି। ତେବେ ମ୍ୟାଜିକ୍ ବିଦ୍ୟା ସଂକ୍ରାନ୍ତ ପାଠ୍ୟକ୍ରମ ଏକ କୋର୍ସ ସ୍କୁଲ୍‌ଶିକ୍ଷାରେ ଲାଗୁ କରାଗଲେ ଏଥିପ୍ରତି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକାଗ୍ରତା ବଢ଼ିପାରନ୍ତା ବୋଲି ପଞ୍ଚାନନ ପ୍ରକାଶ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଆ ଦୁଆର ଦୁଆର ବୁଲେ,**
**ପୁଅ ଚବିଶି ଏକାଦଶୀ କରେ।**

ଘରର ଆର୍ଥିକ ସ୍ଥିତି ଶୋଚନୀୟ ହୋଇଥିବା ସ୍ଥଳେ କିଛି ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖେଇ ହୋଇଥାନ୍ତି। ମା' ପଛେ ଦୁଆର ଦୁଆର ବୁଲୁଥାଉ ପୁଅର କିନ୍ତୁ ଫୁଟାଣି କାହିଁରେ କେତେ! ଅଭାବ ଅନଟନରେ ପଡ଼ି ଯାହିତାଇ ଜୀବନ ବିତାଉଥିବା ବ୍ୟକ୍ତିର ପୁଅ ବାହାରେ ବୁଲି ବଡ଼ପଣ ଦେଖେଇହେବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ମଲୁ ଖୋଜୁଥିଲା କାକର ପାଣି**
**ବଇଦ ବୋଇଲା ଦେ' ତୋରାଣି।**

ମନ ଜାଣି ଫଳପ୍ରାପ୍ତି। ମଣିଷ ଯେଉଁ ସୁଯୋଗକୁ ଅପେକ୍ଷା କରି ରହିଥାଏ ବା ଆଶା କରିଥାଏ ବେଳେ ବେଳେ କର୍ତ୍ତା ଅଯାଚିତ ଭାବେ ତାହା ଆଣି ତା' ପାଖରେ ପହଞ୍ଚାଇ ଦେଇଥାଏ। ଆଶାନୁରୂପ ଦ୍ରବ୍ୟ ସହଜରେ ପାଇଯିବା ବା ବିନା ପ୍ରଚେଷ୍ଟାରେ ଇଚ୍ଛା ମୁତାବକ ଜିନିଷ ମିଳିଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଏମ୍‌କେସିଜି କରୋନା ୱାର୍ଡରୁ ସନ୍ଦିଗ୍ଧ ଫେରାର

ବ୍ରହ୍ମପୁର ଅଫିସ, ୧୫।୩

**ବିଏନ୍‌ପୁର ଥାନାରେ ଅଭିଯୋଗ**

ବ୍ରହ୍ମପୁର ବଡ ମେଡିକାଲରେ ଗତ ୧୪ ତାରିଖରେ ଜଣେ କରୋନା ସନ୍ଦିଗ୍ଧ ଭର୍ତ୍ତି ହୋଇଥିଲେ। ଶନିବାର ବିଳମ୍ବିତ ରାତିରେ ସେ ଫେରାର ହୋଇଯାଇଛନ୍ତି। ରବିବାର ସକାଳେ ୱାର୍ଡରେ ତାଙ୍କୁ ନ ପାଇ ମେଡିକାଲ ଅଧୀକ୍ଷକଙ୍କୁ କାର୍ଯ୍ୟରତ କର୍ମଚାରୀମାନେ ଜଣାଇଥିଲେ । ପରେ ଅଧୀକ୍ଷକ ପ୍ରଫେସର ସନ୍ତୋଷ କୁମାର ମିଶ୍ର ଏନେଇ ବିଏନ୍‌ପୁର ଥାନାରେ ଅଭିଯୋଗ କରିଛନ୍ତି । ଅଧୀକ୍ଷକଙ୍କ ରିପୋର୍ଟ ଆଧାରରେ ପୋଲିସ ଷ୍ଟେଶନ ଡାଏରୀ କରିବା ସହ ସନ୍ଦିଗ୍ଧଙ୍କୁ ଖୋଜା ଚାଲିଛି । ମେଡିକାଲ ପରିସରରେ ରୋଗୀମାନଙ୍କ ସୁରକ୍ଷା ପାଇଁ କଡା ନିରାପତ୍ତା ବ୍ୟବସ୍ଥା କରାଯାଇଥିବା ବେଳେ ସେ ସେଠାରୁ କିପରି ଫେରାର ହେଲେ, ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ପୁରୀ ଜିଲା କଷ୍ଟପ୍ରସାଦ ଥାନା ଅଞ୍ଚଳର ଜଣେ କରୋନା ସନ୍ଦିଗ୍ଧ ମାର୍ଚ୍ଚ ୧୪ ତାରିଖ ସକାଳେ ଏମ୍‌କେସିଜି ମେଡିକାଲ କରୋନା ୱାର୍ଡରେ ଭର୍ତ୍ତି ହୋଇଥିଲେ । ତାଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ଭୁବନେଶ୍ୱର ଆରଏମ୍‌ଆରସିକୁ ପଠାଯାଇଥିଲା ବୋଲି ମେଡିକାଲ ଅଧୀକ୍ଷକ ସୂଚାଇଛନ୍ତି।

**ସଂକ୍ଷେପରେ**

## ଅକୁହା କାହାଣୀ ଶୁଣିବ କିଏ ମଞ୍ଚସ୍ଥ

**ଖଜୁରିପଡ଼ା (ଡି.ଏନ.ଏ.)/ ବଲସକୁମ୍ପା, ୧୫।୩:** ଖଜୁରିପଡ଼ା ବ୍ଲକ ଆରାପାଯୁ ପଞ୍ଚାୟତ ବୁଢ଼ାରକଢ଼ିଠାରେ ପଞ୍ଚୁଦଳ ରାଧାକୃଷ୍ଣ ଓ ଝୁଲଣ ଯାତ୍ରା ଉପଲକ୍ଷେ ସାମାଜିକ ନାଟକ 'ଅକୁହା କାହାଣୀ ଶୁଣିବ କିଏ' ମଚସ୍ଥ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ବୀରେନ୍ଦ୍ର କୁମାର କହଁର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବ ନାରାୟଣ ପ୍ରଧାନ, ବ୍ଲକ ଉପାଧକ୍ଷ ସୌଦାମିନୀ କହଁର, ସମିତିସଭ୍ୟା ଆରପାଯୁ ପଞ୍ଚାୟତ, ଅନନ୍ତ ଦିଗାଲ, ବିକାଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ନାଟକକୁ ଉପଭୋଗ କରିବା ପାଇଁ ବହୁ ଦୂର ଦୁରାନ୍ତରୁ ଲୋକଙ୍କ ଭିଡ଼ ଜମିଥିଲା।

## କରୋନା ମୁକାବିଲା : ବିଭିନ୍ନ ସ୍ଥାନରେ ସଚେତନତା

**ଗଞ୍ଜାମ, ୧୫।୩(ଡି.ଏନ.ଏ.):** ଗଞ୍ଜାମ ବ୍ଲକ ମଳିଜଗନ୍ନାଥପୁର ଓ କଲ୍ୟାଣପୁର ଗ୍ରାମରେ ସ୍ଥାନୀୟ ଗ୍ରାସୀମ କମ୍ପାନୀ ପକ୍ଷରୁ କରୋନା ସଂକ୍ରମଣରୁ ରକ୍ଷାପାଇବା ନେଇ ଏକ ସଚେତନତା ଶିବିର ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାସୀମ ଡିଜିଏମ ରବୀନ୍ଦ୍ର କୁମାର ମହାନ୍ତି, ସିଏସ୍‌ଆର ମୁଖ୍ୟ ସୁଶାନ୍ତ କୁମାର ଦାସ ଓ ଡାକ୍ତର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଭଲ ଭାବରେ ହାତକୁ ସାବୁନରେ ସଫା କରିବା, ସାନିଟାଇଜର ବ୍ୟବହାର ଆଦି ଉପରେ ଆଲୋଚନା ହୋଇଥିଲା। ଆବଶ୍ୟକ ସ୍ଥଳେ କମ୍ପାନୀ ପକ୍ଷରୁ ସମସ୍ତ ସହଯୋଗ କରାଯିବ ବୋଲି କମ୍ପାନୀ ଡିଜିଏମ ମହାନ୍ତି କହିଛନ୍ତି। ଏଥିସହ ସେଠାରେ ଉପସ୍ଥିତ ସମସ୍ତଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା।

**ଜି.ଉଦୟଗିରି:** କରୋନା ଭୂତାଣୁ ସଂକ୍ରମଣରର ପ୍ରତିଷେଧକ ରୂପେ ଜି.ଉଦୟଗିରି ଏନ୍‌ଏସି ତରଫରୁ ବ୍ୟାପକ ପ୍ରସ୍ତୁତି ଗ୍ରହଣ କରାଯାଇଛି। ସଭାସମିତି ଉପରେ କଟକଣା, ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ଓ କଲ୍ୟାଣ ମଣ୍ଡପକୁ ବନ୍ଦ କରି ଦିଆଯାଇଛି। କଲ୍ୟାଣ ମଣ୍ଡପରେ ସବୁ ବ୍ୟବସ୍ଥା ଥିବା ଯୋଗୁ ତାକୁ ଆଇସୋଲେଶନ ବିଲଡିଂ କରାଯାଇଛି। କୌଣସି ସନ୍ଦିଗ୍ଧ ଜଣାପଡ଼ନ୍ତି ତେବେ ସେମାନଙ୍କୁ ସେଠାରେ ରଖାଯିବ ବୋଲି ଏନ୍‌ଏସିର ସତ୍ୟପ୍ରକାଶ ମହାପାତ୍ର କହିଛନ୍ତି। ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ତରଫରୁ ମଧ କରୋନା ସମ୍ପର୍କରେ ସଚେତନ କରାଯାଉଛି।

**ଟିକିଟି:** ଟିକିଟି ବ୍ଲକ ନୂଆପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ଏସ୍.ମମତାଙ୍କ ଅଧକ୍ଷତାରେ କରୋନା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ନୂଆପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରଭାଇଜର ଦୁର୍ଗାପ୍ରସାଦ ପାଣିଗ୍ରାହୀ, ଗ୍ରାମସେବିକା ପୁଷ୍ପାଞ୍ଜଳି ପାତ୍ର, ଏଏନ୍‌ଏମ୍ ଚିତ୍ରରେଖା ଜେନା ପ୍ରମୁଖ ଯୋଗଦେଇ କରୋନାର ଲକ୍ଷଣ ଓ ପ୍ରତିକାର ସମ୍ପର୍କରେ ଉପସ୍ଥିତ ସରକାରୀ କର୍ମଚାରୀ ଓ ଜନପ୍ରତିନିଧିମାନଙ୍କୁ ଅବଗତ କରାଇଥିଲେ।

# ବାଇକ୍‌କୁ ଧକ୍କା ଦେଲା ଆମ୍ବୁଲାନ୍ସ, ୨ ମୃତ

ତୁମୁଡ଼ିବନ୍ଧ, ୧୫।୩( ଡି.ଏନ୍.ଏ.)


ରାସ୍ତାରୋକୋ କରାଯାଇଛି।

**ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ, ପ୍ରତିଶ୍ରୁତି ପରେ ହଟିଲା**

କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ଥାନା ଅନ୍ତର୍ଗତ ୫୯ନଂ. ଜାତୀୟ ରାଜପଥର ମୁଣ୍ଡିଗଡଠାରେ ରବିବାର ଅପରାହ୍ନରେ ଏକ ବାଇକ୍‌କୁ ପଛପଟୁ ଆମ୍ବୁଲାନ୍ସ ଧକ୍କା ଦେବାରୁ ୨ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ମୁଣ୍ଡିଗଡ ପଞ୍ଚାୟତର ସନ୍ଦିପଦର ଗ୍ରାମର ପ୍ରଭାତ ବଡସେଠ୍ ଓ ବାଟିକିଲୁ ଗ୍ରାମର ନିଳିମା ମାଝି। ନିଳିମାଙ୍କ ଦେଢ଼ ବର୍ଷର ଶିଶୁ ଓ ଅନ୍ୟ ଜଣେ ମହିଳା ରିବିକା ମାଝି ଗୁରୁତର ହୋଇଛନ୍ତି। ଦୁର୍ଘଟଣା ଘଟାଇ ପଳାଉଥିବା ଘରୋଇ ଆମ୍ବୁଲାନ୍ସକୁ ଲୋକେ ଅଟକାଇ ତୁମୁଡ଼ିବନ୍ଧ ଥାନା ଜିମା ଦେଇଥିଲେ। କିଛି ସମୟ ଅଟକ ରଖିବା ପରେ ଚାଳକଙ୍କୁ ଆମ୍ବୁଲାନ୍ସ ସହ ପୋଲିସ ଛାଡ଼ି ଦେଇଥିବାରୁ ମୁଣ୍ଡିଗଡ଼, ସନ୍ଦିପଦର ଓ ବାଟିକିଲୁ ଗ୍ରାମର ଶତାଧିକ ମହିଳା ଏବଂ ପୁରୁଷ ରାସ୍ତା ଅବରୋଧ କରିଥିଲେ। ମୃତକଙ୍କ ପରିବାରକୁ ସହାୟତା, ଆମ୍ବୁଲାନ୍ସ ଚାଳକଙ୍କୁ ଗିରଫ ଆଦି ପୂରଣ ନ ହେବା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିବେ ବୋଲି ଜିଦ୍ ଧରିଥିଲେ। ରାତି ପ୍ରାୟ ୧୦ଟାରେ ବାଲିଗୁଡ଼ା ଏସଡିପିଓ ମାନସ ରଞ୍ଜନ ବାରିକ, ତୁମୁଡ଼ିବନ୍ଧ ବିଡିଓ ଅଗସ୍ତି ପ୍ରଧାନ, ବ୍ଲକ ଅଧକ୍ଷ ପ୍ରକାଶ ଚନ୍ଦ୍ର ପାତ୍ର ଓ ଏମ୍‌ପି ପ୍ରତିନିଧି ପ୍ରମୋଦ କୁମାର ସାହୁ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରକୁ ୩ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକା ହଟିଛି। ପ୍ରକାଶ ଯେ, ପ୍ରଭାତ କୌଣସି କାମରେ ମୁଣ୍ଡିଗଡ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିଲେ। ଏହି ସମୟରେ ବାଟିକିଲୁର ଶିଶୁପୁତ୍ର ସହ ନିଳିମା ଓ ରିବିକା ସେଠାରୁ ଭଡା ଟଙ୍କା ଧରି ଗାଁକୁ ଆସିବାକୁ ବାହାରି ଥିଲେ। ପ୍ରଭାତ ସେମାଙ୍କୁ ନିଜ ବାଇକରେ ବସାଇ ବାଟିକିଲୁ ଗ୍ରାମକୁ ଆସୁଥିବା ବେଳେ ମୁଣ୍ଡିଗଡ଼ଠାରେ ତୁମୁଡ଼ିବନ୍ଧ ଅଭିମୁଖେ ଆସୁଥିବା ଏକ ଘରୋଇ ଆମ୍ବୁଲାନ୍ସ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ପ୍ରଭାତଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଆହତ ଶିଶୁଙ୍କ ସମେତ ଝିଲିମା ଓ ରିବିକାଙ୍କୁ ତୁମୁଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ବାଲିଗୁଡା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଝିଲିମାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ।

# ପରିବାରକୁ ସରକାରୀ ସହାୟତା ଦାବି

ଭଞ୍ଜନଗର, ୧୫।୩(ଡି.ଏନ.ଏ)

**ମୃତ୍ୟୁ ପରେ ବି ଅମର ବିପିନ**

କବିସୂର୍ଯ୍ୟନଗର ବ୍ଲକ ଭାଟପଡ଼ା ଗ୍ରାମର ବିପିନ ପ୍ରଧାନ ସୁରଟର ଏକ ମେଡିକାଲରେ ଚିକିତ୍ସାଧୀନ ଥିବାବେଳେ ବ୍ରେନଡ଼େଡ ହେବାରୁ ପରିବାର ଲୋକେ ତାଙ୍କର ବିଭିନ୍ନ ଅଙ୍ଗକୁ ଶନିବାର ଦାନ କରି ଦେଇଥିଲେ। ବିପିନଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ପୂର୍ବରୁ ଚିକିତ୍ସା ବାବଦ ଟଙ୍କା ମେଡ଼ିକାଲକୁ ଦେଇ ପାରି ନ ଥିଲେ। ବକେୟା ଥିବା ୫୭ ହଜାର ଟଙ୍କା ମଧ୍ୟରୁ ମେଡ଼ିକାଲ ୧୦ ହଜାର ଟଙ୍କା ଛାଡ଼ କରିଥିବା ବେଳେ ସୁରଟରେ ଥିବା ପ୍ରବାସୀ ଓଡ଼ିଆ ସମାଜ ପକ୍ଷରୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ପରେ ବିପିନଙ୍କ ଅଙ୍ଗଦାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା।

ଗୁଜରାଟରେ ଓଡିଶାର ସୁରଜଙ୍କ ପରେ ବିପିନ ଅଙ୍ଗଦାନ କରି ଅମର ହୋଇଛନ୍ତି । ଓଡ଼ିଶା ସରକାର ଅଙ୍ଗଦାନ କରୁଥିବା ପରିବାରକୁ ସାହାଯ୍ୟ, ସହାନୁଭୂତି ଯୋଗାଇ ଦେଉଥିବା ବେଳେ ଗୁଜରାଟ ସରକାର ମଧ ଏଥିପ୍ରତି ଆଗ୍ରହ କରିବା ଆବଶ୍ୟକ ବୋଲି ପ୍ରବାସୀ ଓଡ଼ିଆ ସମାଜର କର୍ମକର୍ତ୍ତାମାନେ କହିଛନ୍ତି । ସୂଚନାଯେଗ୍ୟେ, ଗତ ୯ ତାରିଖରେ ବିପିନଙ୍କ ବ୍ରେନ୍‌ଷ୍ଟ୍ରୋକ୍ ହୋଇଥିଲା । ସୁରଟର ଏକ ମେଡିକାଲରେ ଚିକିତ୍ସାଧୀନ ଥିବାବେଳେ ତାଙ୍କ ବ୍ରେନ୍ ଡ଼େଡ୍ ହୋଇଯାଇଥିଲା । ବଞ୍ଚିବା ଆଶା କ୍ଷୀଣ ଥିବାରୁ ବିଭିନ୍ନ ବ୍ୟକ୍ତିବିଶେଷ ଏବଂ ଅନୁଷ୍ଠାନର ପରାମର୍ଶକ୍ରମେ ତାଙ୍କ ଶରୀରର ୬ଟି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ଲିଭର, ହାର୍ଟ, ୨ କିଡନି, ୨ ଆଖିକୁ ପରିବାର ଲୋକେ ଶନିବାର ହସ୍ପିଟାଲକୁ ଦାନ କରି ଦେଇଥିଲେ । ଉକ୍ତ ଅଙ୍ଗ ଗୁଡ଼ିକ ବମ୍ବେ, ଅହମ୍ମଦାବାଦ ଓ ସୁରଟର ବିଭିନ୍ନ ହସପିଟାଲରେ ଚିକିତ୍ସାଧିନ ଥିବା ୬ଜଣଙ୍କ ଶରୀରରେ ସଫଳତାର ସହ ରୋପଣ କରାଯାଇଛି ।


ଗ୍ରାମରେ ବିପିନଙ୍କ ଝିଅ ଓ ଅନ୍ୟମାନେ।

# ଦୋଳଯାତ୍ରା ବେଳେ ବାଣ ଫୁଟି ୮ ଆହତ

ଧରାକୋଟ/ ଆସିକା, ୧୫।୩(ଡି.ଏନ.ଏ.)

**ମାମଲା ରୁଜୁ, ଜଣେ ଅଟକ**

ଗଞ୍ଜାମ ଜିଲା ଧରାକୋଟ ଥାନା ଡଉଗାଁ ପଞ୍ଚାୟତ କେ.ରାମଚନ୍ଦ୍ରପୁର (କଇଠିରା) ଗ୍ରାମରେ ଦୋଳ ପୂର୍ଣ୍ଣିମା ଉପଲକ୍ଷେ ଶନିବାର ରାତିରେ ପୌରାଣିକ ନାଟକ ପରିବେଶଣ କରାଯାଉଥିଲା। ନାଟକ ଶେଷ ପର୍ଯ୍ୟାୟରେ ପହଞ୍ଚିବା ବେଳେ ଉପସ୍ଥିତ ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ଅଭିମନ୍ୟୁ ବଧ ଦୃଶ୍ୟରେ ଚକ୍ରବାଣ ଫୁଟାଯାଇଥିଲା। ଏହାର ନିଆଁ ଚାରିପଟକୁ ଛିଟିକି ମଞ୍ଚ ତଳେ ରଖାଯାଇଥିବା ବାଣରେ ପଡିବାରୁ ତାହା ଫୁଟିଥିଲା। ଏହା ନିକଟରେ ଥିବା ୮ ଜଣ ଆହତ ହୋଇଥିଲେ। ସେମାନେ ହେଲେ ବିଜୟ ଗୌଡ଼, ଚନ୍ଦନ ବିଶୋଇ, ବାବୁ ବିଶୋଇ, ଓଁ ଗୌଡ଼, ଅରୁଣ ବିଶୋଇ, ରାଜା ଗୌଡ଼, ସୁମନ ରେଡ୍ଡୀ ଓ ବିଜୟ ରେଡ୍ଡୀ । ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ତୁରନ୍ତ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିଲା। ପରେ ସେମାନଙ୍କ ମଧ୍ୟରୁ ୫ ଜଣଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଧରାକୋଟ ଥାନାଧିକାରୀ ସହଦେବ ମହାପାତ୍ର ଜଣେ ଯାତ୍ରା କମିଟି ସଦସ୍ୟଙ୍କୁ ଥାନାକୁ ଆଣି ଅଟକ ରଖିଛନ୍ତି। ଏ ନେଇ ଧରାକୋଟ ଥାନାରେ ନଂ.୪୦/୨୦ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି। ରାଜ୍ୟ ସରକାର କରୋନାକୁ ରାଜ୍ୟ ବିପର୍ଯ୍ୟୟ ଘୋଷଣା କରି ଯାନିଯାତ୍ରା, ବାହାଘର, ସଂଗଠନ ଓ ଉତ୍ସବ ସହ ଧାର୍ମିକ କାର୍ଯ୍ୟ ଉପରେ ଅଙ୍କୁଶ ଲଗାଇଛନ୍ତି। ଏପରିସ୍ଥଳେ ରାମଚନ୍ଦ୍ରପୁରରେ ନାଟକ ପରିବେଷଣ ପାଇଁ ଥାନା ତରଫରୁ ଅନୁମତି ଦିଆଯାଇନାହିଁ କିମ୍ବା ବାଣ ଫୁଟାଇବା ପାଇଁ କୌଣସି ନିର୍ଦ୍ଦେଶ ଦିଆଯାଇନାହିଁ। ପ୍ରଶାସନିକସ୍ତରରେ ଏହାର ଅନୁଧ୍ୟାନ କରାଯାଉଛି ବୋଲି ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ କହିଛନ୍ତି।

# ନିଖୋଜ ନାବାଳିକାଙ୍କୁ ଫେରାଇ ଆଣିବାକୁ ମା'ଙ୍କ ନିବେଦନ

ପୁରୁଷୋତ୍ତମପୁର, ୧୫।୩(ଡି.ଏନ୍.ଏ.)

**ନିର୍ଯାତିତ ଭିଡିଓ ଭାଇରାଲ**

ପୁରୁଷୋତ୍ତମପୁର ଥାନା ଅଞ୍ଚଳର ନିଖୋଜ ଥିବା ଜଣେ ନାବାଳିକା (୧୭)ଙ୍କୁ କଲିକତାରେ ନିର୍ଯାତିତ କରାଯାଉଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଏହା ଦେଖି ଝିଅକୁ ଫେରାଇ ଆଣିବା ପାଇଁ ମା' ପ୍ରଶାସନକୁ ନିବେଦ କରିଛନ୍ତି। ଗତ ସେପ୍ଟେମ୍ବର ୧୫ତାରିଖରେ ନାବାଳିକା କେଉଁ ଆଡେ ଚାଲିଯାଇଥିଲା। ପରିବାର ଲୋକେ ବହୁ ଖୋଜା ଖୋଜି କରି ନ ପାଇବାରୁ ସେପ୍ଟେମ୍ବର ୧୯ ତାରିଖରେ ପୁରୁଷୋତ୍ତମପୁର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ. ୨୦୯/୧୯ରେ ମାମଲା ରୁଜୁ କରିଥିଲା। କିନ୍ତୁ ଅଭିଯୋଗର ୬ ମାସ ପରେ ମଧ ନାବାଳିକାଙ୍କୁ ଖୋଜି ଆଣିବାରେ ପୋଲିସ ସଫଳ ହୋଇ ପାରି ନ ଥିଲା। ଝିଅକୁ ନ ପାଇ ପରିବାର ଲୋକେ ଚିନ୍ତାରେ ଥିବା ବେଳେ ରବିବାର ଝିଅ କଲିକତାରେ ନିର୍ଯାତିତା ହେଉଥିବା ଭିଡିଓ ଦେଖି ଉଦ୍ଧାର କରି ଆଣିବାକୁ ନିବେଦନ କରିଛନ୍ତି।

# ଓଡ଼ିଶା ମୋ ପରିବାର ଯୋଜନାରେ ମିଳିଲାନି ସହାୟତା

ଦିଗପହଣ୍ଡି, ୧୫।୩(ଡି.ଏନ.ଏ.)

**ଗୋଆରେ ପ୍ରବାସୀ ଓଡ଼ିଆ ଯୁବକଙ୍କ ମୃତ୍ୟୁ ଘଟଣା**

- ୪ ଦିନ ପରେ ପରିବାର ଲୋକେ ଆଣିଲେ ମୃତଦେହ



ଦିଗପହଣ୍ଡି ବ୍ଲକ ତଲାଶିଙ୍ଗି ଗ୍ରାମର ଦେବାଶିଷ ମିଶ୍ରଙ୍କ ଗତ ଗୁରୁବାର ସ୍କୁଟି ଦୁର୍ଘଟଣାରେ ଗୋଆରେ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ବିଧାୟକ ତଥା ବାଚସ୍ପତି ଡ.ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ଏନେଇ ସମସ୍ତ ତଥ୍ୟ ଦିଆଯାଇଥିଲେ ମଧ ସରକାରୀ ସହାୟତାର ପ୍ରତିଶ୍ରୁତି ଦେଇ ପରେ ସେ କୌଣସି ସହଯୋଗ କରି ନ ଥିବା ଦିଗପହଣ୍ଡି ଏନ୍‌ଏସିର ପୂର୍ବତନ ଅଧକ୍ଷ ପ୍ରଫୁଲ୍ଲ ପଣ୍ଡା ଅଭିଯୋଗ କରିଛନ୍ତି। ଓଡ଼ିଶା ମୋ ପରିବାର ଯୋଜନାରେ ସହାୟତା ପାଇଁ ଗ୍ରାମବାସୀ ଓ ପରିବାର ଲୋକେ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଥିଲେ। ସେମାନେ ସହାୟତାର ପ୍ରତିଶ୍ରୁତି ଦେଇଥିଲେ ମଧ ପରବର୍ତ୍ତୀ ସମୟରେ କୌଣସି ସହଯୋଗ କରିନଥିବା ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ମୃତକଙ୍କ ଭଉଣୀ ଓ ସମ୍ପର୍କୀୟମାନେ ଗୋଆର ଅସିଲୋ ହସ୍ପିଟାଲରେ ଶୁକ୍ରବାର ରାତିରେ ପହଞ୍ଚିଥିଲେ। ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ଗୋଆର ଚୋଗମ ରୋଡ ସ୍ଥିତ ସାଲିଗାଓ ଥାନା ପୋଲିସ ମୃତଦେହ ହସ୍ତାନ୍ତର କରିଥିଲା। ମୃତଦେହକୁ ଓଡ଼ିଶା ଆଣିବା ପାଇଁ ପଦକ୍ଷେପ ନେବାକୁ ଦିଗପହଣ୍ଡି ବ୍ଲକ କୈଠଖଣ୍ଡି ପଞ୍ଚାୟତ ସରପଞ୍ଚ ପ୍ରତିନିଧି କୀର୍ତ୍ତି ଚନ୍ଦ୍ର ଗୌଡ଼ଙ୍କ ସମେତ ବହୁ ସଂଖ୍ୟକ ଗ୍ରାମବାସୀ ସ୍ଥାନୀୟ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବାଚସ୍ପତି ଏନେଇ ଓଡ଼ିଶା ମୋ ପରିବାର ରାଜ୍ୟ ସଂଯୋଜକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତଥାପି କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ବାଧହୋଇ ଦେବାଶିଷଙ୍କ ଭଉଣୀ କାର୍‌ଗୋ ବିମାନରେ ମୃତଦେହକୁ ଭୁବନେଶ୍ୱର ଆଣିଛନ୍ତି। ଏନେଇ ବାଚସ୍ପତିଙ୍କୁ ପଚାରିବାରୁ କରୋନା ଯୋଗୁ ଗୋଆ ବିମାନ ବନ୍ଦର କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ରେଳବାଇ କର୍ତ୍ତୃପକ୍ଷ ମୃତଦେହ ଗ୍ରହଣ କରିବାକୁ ରାଜି ହେଉନଥିବା ନେଇ ତାଙ୍କୁ ଓଡ଼ିଶା ମୋ ପରିବାର ଯୋଜନା ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ କହିଥିଲେ ବୋଲି ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ଏହି ଯୋଜନା ପରିଚାଳନା ପାଇଁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ପ୍ରବାସୀଙ୍କ ବିପଦ ବେଳେ ଏହି ଯୋଜନା ପ୍ରତାରଣା ବୋଲି ପୂର୍ବତନ ଏନ୍‌ଏସି ଅଧକ୍ଷ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ରବିବାର ସକାଳ ସାଢ଼େ ୮ ଟାରେ ମୃତଦେହ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ପରିବାର ଲୋକେ ପୁରୀ ସ୍ୱର୍ଗଦ୍ୱାରକୁ ନେଇ ସତ୍କାର କରିଛନ୍ତି।

